## କ୍ରଶର ୟୁନିଟରୁ ଜେସିବି ଚୋରି ଅଭିଯୋଗ

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଥାନ ଅନ୍ତର୍ଗତ ଭୁଲିଆସିକୁଆ ଗ୍ରାମର କ୍ରଶର ୟୁନିଟରେ ଥିବା ଜେସିବି ଗାଡି ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀ ସରୋଜ କୁମାର ମେହେରଙ୍କ ଜେସିବି ଗାଡି ଓ ୩୮ଏସି ୨୯୧୫ତାଙ୍କ ଭୁଲିଆସିକୁଆ ଗ୍ରାମଠାରେ ଥିବା କ୍ରଶରରୁ ଅଜଣା ବ୍ୟକ୍ତି ଚୋରି କରି ନେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ଏକ ମାମଲା (ନଂ.୨୪୮/୨୩) ରୁଜୁ କରି ୨ଟି ଦଳ ଗଠନ କରି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ପୂର୍ବ ଶତ୍ରୁତାରୁ ହତ୍ୟା ଧମକ: ଯୁବକ ଗିରଫ

**ନୂଆପଡ଼ା,୨୩।୭(ମକାରୁ ବେମାଲ):** ନୂଆପଡା ଜିଲା ଜୋଙ୍କ ଥାନା ଖରିଆରରୋଡ଼ରେ ଜଣଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇ ଶନିବାର ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଉତ୍ତରପ୍ରଦେଶ ବହରାଇଚ ଜିଲା ସୁଜାଉଲି ଗାଁର ସୋନୁ ସିଂ(୪୫)। ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ୫ ଦିନ ହେବ ଖରିଆରରୋଡ଼ ସହର ଧର୍ମେନ୍ଦ୍ର ସିଂ ବଗାଙ୍କୁ ସୋନୁ ଫୋନରେ ଧମକ ଦେଉଥିଲେ। ଗତ ୨୦ ତାରିଖ ରାତିରେ ଧର୍ମେନ୍ଦ୍ରଙ୍କୁ ସୋନୁ ଏକ ଢାବାକୁ କଥା ହେବା ପାଇଁ ଡାକିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ସୋନୁ ଉତ୍ୟକ୍ତ ହୋଇ ବନ୍ଧୁକ ଦେଖାଇ ଧର୍ମେନ୍ଦ୍ରଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପରେ ଢାବା କର୍ମଚାରୀ ଉଭୟଙ୍କୁ ବୁଝାଶୁଝା କରିଥିଲେ। ଧର୍ମେନ୍ଦ୍ର ସୋନୁଙ୍କ ନାଁରେ ଜୋଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ସୋନୁଙ୍କୁ ଗିରଫ କରିଥିଲା। ସୋନୁଙ୍କ ପାଖରୁ ଏକ ବନ୍ଧୁକ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଦୈନିକ ବଜାରରେ ଅଳିଆ ଆବର୍ଜନା



**ଖଡ଼ିଆଳ,୨୩।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ଦୈନିକ ବଜାରରେ ପଚାସଢ଼ା ଅଳିଆ ଆବର୍ଜନା ପଡ଼ି ରହିଛି। ଫଳରେ ଅନେକ ଦୁର୍ଗନ୍ଧ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହି ଦୈନିକ ବଜାରର ପଚାସଢ଼ା ଅଳିଆ ଆବର୍ଜନା ପ୍ରତ୍ୟେକ ଦିନ ଅନ୍ୟତ୍ର ଫିଙ୍ଗିବା ବ୍ୟବସ୍ଥା ହେଉ ନାହିଁ। ଅଳିଆ ଗଡାଇବା ପାଇଁ ଏକ ରିକ୍ସା ରଖାଯାଇ ସେହି ରିକ୍ସାରେ ଆବର୍ଜନା ଫିଙ୍ଗିବାକୁ ବାଧ କରାଯାଉ। ବ୍ୟବସାୟୀ ମଧ ନିଜ ବେପାର ସାରି ଘରକୁ ଯିବା ପାଇଁ ଅଳିଆ ଆବର୍ଜନା ନାଳରେ ଫିଙ୍ଗି ଦେଉଛନ୍ତି। ଯାହାଦ୍ୱାରା ଗୋଟିଏ ଦିନରେ ଏହା ଅନ୍ୟତ୍ର ନେବା ସମ୍ଭବ ହୋଇ ପାରୁନାହିଁ। ଏଥି ପାଇଁ ଖଡ଼ିଆଳ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଳିଆ ଆବର୍ଜନା



**ଖଡ଼ିଆଳ,୨୩।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ପୁରାତନ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଅଳିଆ ଆବର୍ଜନା ପଡ଼ିଛି। ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ସମ୍ମୁଖରେ ପୁରାତନ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଏହି ପରିସର ମଧରେ ସଫେଇ କାହା ଦାୟିତ୍ୱ ନେଇ ପ୍ରଶ୍ନବାଚୀ ଅଟେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ ସଫେଇ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ହେଲେ ସଫେଇ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସଫେଇ ସହ ଆବଶ୍ୟକ ପଦକ୍ଷେପ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ସାଧାରଣରେ ଦାବି ହୋଇଛି।

## ଜୟନ୍ତ ପ୍ରହରାଜଙ୍କ ବିୟୋଗରେ ଶୋକସଭା

**ଏମ୍.ରାମପୁର,୨୩।୭(ଶଶିଭୂଷଣ ପ୍ରହରାଜ):** କଳାହାଣ୍ଡି ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗ ଯାତ୍ରୀ ସାହିତ୍ୟ ସଂସଦର ପୂର୍ବତନ ସମ୍ପାଦକ ଜୟନ୍ତ ପ୍ରହରାଜଙ୍କ ବିୟୋଗରେ ଅନୁଷ୍ଠାନ ଗୃହଠାରେ ଏକ ଶୋକ ସଭା ଅନୁଷ୍ଠିତ ହେଇଯାଇଛି। ସଭାପତି ପଦ୍ମ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ସମ୍ପାଦକ ହେମନ୍ତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସଭାପତି ସୁରେନ୍ଦ୍ର ମହାଖୁଡ଼, ବରିଷ୍ଠ ସଦସ୍ୟ ପରମାନନ୍ଦ ବିଶି, ନାରାୟଣ ମହାଳିକ, ମାନସ ରଞ୍ଜନ ପ୍ରହରାଜ, ବିଭୂତି ଭୂଷଣ ମହାଖୁଡ଼, ଉଦ୍ଧବ ପଣ୍ଡା ପ୍ରମୁଖ ସ୍ୱର୍ଗତ ପ୍ରହରାଜଙ୍କ ସ୍ମୃତି ଚାରଣ କରିଥିଲେ।

# ବନ୍ୟଜନ୍ତୁଙ୍କ ଆତଙ୍କରେ ଗାଁ ରାସ୍ତା ଶୂନ୍‌ଶାନ

**ନୂଆପଡ଼ା,୨୩।୭(ମକାରୁ ବେମାଲ)**

ନୂଆପଡା ଜିଲାରେ ହିଂସ୍ରଜନ୍ତୁଙ୍କ ଆତଙ୍କରେ ଶିକ୍ଷା ଓ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଛି। ଜିଲାର ଉତ୍ତର ଦିଗକୁ ସିନାପାଲି ବ୍ଲକ ସୀମାନ୍ତରେ ହାତୀ ଆତଙ୍କ ଲାଗିରହିଥିବା ବେଳେ ଦକ୍ଷିଣରେ ନୂଆପଡା ବ୍ଲକରେ ବାଘ ଆତଙ୍କ ଖେଳାଉଛି। ଜିଲାର ମଧ୍ୟ ଭାଗ କୋମନା ବ୍ଲକରେ ଭାଲୁ ଆତଙ୍କରେ ଲୋକେ ଆତଙ୍କିତ। ଜଲାରେ ବନ୍ୟଜନ୍ତୁଙ୍କ ଦୌରାତ୍ମ୍ୟ ଯୋଗୁ ଲୋକେ ଆତଙ୍କିତ ହୋଇ ପିଲାଛୁଆଁଙ୍କୁ ବାହାରକୁ ଛାଡୁନାହାନ୍ତି। ଫଳରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯାଉ ନ ଥିବାରୁ ପାଠପଢ଼ାରେ ବ୍ୟାହତ ହେଉଛି। ବର୍ତ୍ତମାନ ଚାଷ ସମୟ ବାଘ, ଭାଲୁ, ହାତୀ ଆତଙ୍କରେ ଭୟଭୀତ ହୋଇ ଲୋକେ ଚାଷ ଜମିକୁ ମଧ୍ୟ ଯାଉନାହାନ୍ତି। ଫଳରେ ଚାଷ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ଚାଷୀଙ୍କ ରୁଆ, ବେଉଷଣ କାର୍ଯ୍ୟ ବତର (ଉପଯୁକ୍ତ ପାଣି) ହୋଇଥିଲେ ମଧ୍ୟ ଚାଷ ଜମିକୁ ଯିବା ପାଇଁ ଚାଷୀ ଭୟ କରୁଛି।



ତରିଆମହୁଆଭଟା ଗାଁ ଶୂନ୍‌ଶାନ।

କୋମନା ବିଜାଖମନ ଜଙ୍ଗଲରେ ଗତ ୧୬ ତାରିଖରେ ଭାଲୁ ଆକ୍ରମଣରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ପୁଣି ୧୮ ତାରିଖରେ ସେହି ଜଙ୍ଗଲରେ ୪ଜଣ ବନ କର୍ମଚାରୀଙ୍କୁ ଭାଲୁ ଆକ୍ରମଣରେ ଜଣେ ବନ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆହତ ହୋଇନ୍ତି। ଏ ସବୁ ଶୁଣି ଲୋକେ ଅଧିକ ଆତଙ୍କିତ ହୋଇପଡିଛନ୍ତି। ଗତ ୨୦ରେ ସଦର ରେଞ୍ଜ ଆମାନାରା ପଞ୍ଚାୟତ ତରିଆମହୁଆଭଟାରେ ଗୋବିନ୍ଦ ନାଏକଙ୍କ ବାଛୁରିକୁ ଗୁହାଳରୁ ବାଘ ଖାଇବା ପରେ ଅଞ୍ଚଳରେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତରିଆମହୁଆଭଟା ପ୍ରସ୍ତାବିତ ସଂରକ୍ଷିତ ମୁଷରଙ୍ଗୀ ଜଙ୍ଗଲକୁ ଲାଗି ୧୦ଟି ଡୋଙ୍ଗରୀ (ଛୋଟ ପାହାଡ) ରହିଛି। ଏହି ଡଙ୍ଗର ମଧ୍ୟ ଭାଗରେ ତରିଆମହୁଆଭଟା ରହିଥିବା ବେଳେ ଜଙ୍ଗଲକୁ ଲାଗି ପାୱାରତୋଳା, ସୁକ୍ଲିଡୁବରୀ, ଜରିଡିହି, ମୋହରାଡିହି ଆଦି ଗାଁ ରହିଛି। ପାହାଡିଆ ଓ ଜଙ୍ଗଲରେ ଦିନ ବେଳେ ବାଘ ବୁଲୁଥିବାରୁ ରାସ୍ତାଘାଟ ଶୂନଶାନ ହୋଇ ପଡୁଛି। ଗାଁରେ ମଧ୍ୟ ତାଟି କବାଟ ବନ୍ଦ ରହୁଥିବାରୁ ଜନଶୂନ୍ୟ ଭଳି ଜଣାପଡୁଛି। ଭୟରେ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉ ନ ଥିବା ବେଳେ ଚାଷୀମାନେ ଚାଷ ଜମିକୁ ଯାଉନାହାନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ କୋମନା ବନ ବିଭାଗ ପକ୍ଷରୁ ବିଜାଖମନ ଜଙ୍ଗଲରେ ଲଟାବୁଦା ସଫା କରାଯାଉଥିବା ବେଳେ ନୂଆପଡା ବନ ବିଭାଗ ଦେଖାନାହିଁ। ଆତଙ୍କିତ ଅଞ୍ଚଳକୁ ମଧ୍ୟ ଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ବନ ବିଭାଗ ରେଞ୍ଜର ବିନିତା ଭୋଇଙ୍କୁ ଯୋଗାଯୋଗ କରିବାରୁ ହୋଇ ପାରିଲାନାହିଁ। ଚାଷୀଙ୍କୁ ବନଜନ୍ତୁଙ୍କ କବଳରୁ ସୁରକ୍ଷା ଯୋଗାଇ ନ ଦେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଦାଦନ ସଂଖ୍ୟା ଜିଲାରେ ବଢ଼ିବ ବୋଲି ବୃଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି।

# ଭଙ୍ଗାଘରେ ଦିନ କାଟୁଛନ୍ତି ସନ୍ତୋଷଙ୍କ ପରିବାର



ସନ୍ତୋଷଙ୍କ ଭଙ୍ଗା ଦଦରା ଘର।

**ଲାଞ୍ଜିଗଡ଼,୨୩।୭(ରମେଶ ଚନ୍ଦ୍ର ନାୟକ)**

**ଆଧାର କାର୍ଡ଼ ନ ଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ**

ବର୍ତ୍ତମାନେ ଦେଶର ଏକ ମାତ୍ର ପରିଚୟ ପତ୍ର ହେଉଛି ଆଧାର କାର୍ଡ। ଏହା ନ ଥିଲେ ଯେ କୌଣସି ବ୍ୟକ୍ତି ସରକାରୀ ଯୋଜନାର ଲାଭ ଉଠାଇପାରିବେନି। ଏହାର ଉଦାହରଣ ହେଉଛନ୍ତି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମାରି ଗ୍ରାମର ସନ୍ତୋଷ ଦୋରାଙ୍କ ପରିବାର। ସନ୍ତୋଷ ଦୋରା (୪୫)ଙ୍କ ପରିବାରରେ ସ୍ତ୍ରୀ ସବିତା ଦୋରା (୩୫) ଓ ଦୁଇ ପୁଅ ମାନବ (୬) ବିବେକ (୪)ଙ୍କ ସହ ଦୁର୍ଦ୍ଦଶାରେ କଟୁଛି ଚାରି ପ୍ରାଣୀଙ୍କ ଜୀବନ। ସୂଚନାନୁସାରେ ସନ୍ତୋଷଙ୍କ ପରିବାର ଅନେକ ଥର ଆଧାରକ ।ର୍ଡ ପାଇଁ ଆବେଦନ କରିଥିଲେ ମଧ ବର୍ତମାନ ସୁଦ୍ଧା ବଞ୍ଚିତ ରହିଛନ୍ତି। ଆଧାର କାର୍ଡ ନ ଥିବାରୁ କୌଣସି ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି ସନ୍ତୋଷଙ୍କ ପରିବାର। ସନ୍ତୋଷ ପ୍ରତିଦିନ ପରଘରେ ମୁଲଲାଗି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କର ସଂସାର ଚଳେ। ଚାରି ପ୍ରାଣୀ କୁଟୁମ୍ବକୁ ଚଳାଇବା ଏବେ ତାଙ୍କ ପକ୍ଷେ ଆଉ ସମ୍ଭବ ହେଉନାହିଁ। ଫଳରେ ଘର ଖଣ୍ଡେ କରିବାରେ ମଧ ତାଙ୍କ ପାଇଁ ସପନ ହୋଇପଡିଛି। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିଜୁ ପକା ଘର ଓ ମୋ କୁଡ଼ିଆ ଭଳି ଅନେକ ଯୋଜନା ସନ୍ତୋଷଙ୍କ ପରିବାର ପାଇଁ ସ୍ୱପ୍ନ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତା ଅଭାବରୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀମାନେ ପାଇପାରୁନାହାନ୍ତି। ସନ୍ତୋଷଙ୍କ ପରିବାର ବର୍ଷ ବର୍ଷ ଧରି ଖରା, ବର୍ଷା, ହେଉ ବା ଶୀତ ସବୁ ସମୟରେ ଭଙ୍ଗା ଦଦରା ଘରେ ବାସ କରି ଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ଜନପ୍ରତିନିଧିଙ୍କ ନଜର ଏହି ପରିବାର ଉପରେ ପଡୁନି। ଆଧାରକାର୍ଡ ହେଲେ ସରକାରଙ୍କ ଅନେକ ଯୋଜନାରେ ସାମିଲ ହୋଇପାରିବା ଆଶା ନେଇ ଯଥା ସମ୍ଭବ ଚାରି ପ୍ରାଣୀ କୁଟୁମ୍ବର ଆଧାର କାର୍ଡ ପାଇଁ ବ୍ଲକ ତଥା ଜିଲା ପ୍ରଶାସନ ଏବଂ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ସନ୍ତୋଷ ଓ ସ୍ତ୍ରୀ ସବିତା। ଏଥିପ୍ରତି ବ୍ଲକ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଥଇଥାନ ହେଲେ ୪ ଅନାଥ ଶିଶୁ

**ଭବାନୀପାଟଣା,୨୩।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଧାମନପୁର ପଞ୍ଚାୟତ କୁଳିହାରୀଗୁଡା ଗ୍ରାମର ୪ ଅନାଥ ଶିଶୁ ସ୍ୱେଚ୍ଛାସେବୀଙ୍କ ପ୍ରୟାସରେ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ଥଇଥାନ କରାଯାଇଛି। ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ କୁଳିହାରୀଗୁଡା ଗ୍ରାମର ବୀରକିଶୋର ଲହଜଲ ଓ ସନ୍ତରା ଲହଜଲଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ଥିଲେ। କିନ୍ତୁ ଦିନେ ଦୁଃଖର କଳାବାଦଲ ଏହି ପରିବାର ଉପରେ ପଡିଥିଲା। ୩ ଶିଶୁ ଦୁନିଆ କ'ଣ ଜାଣିବା ପୂର୍ବରୁ ମା' ସନ୍ତରାଙ୍କ ୨୦୧୬ରେ ଦେହାନ୍ତ ହେଲା। ପରେ ବୀରକିଶୋର ଦ୍ୱିତୀୟ ସ୍ତ୍ରୀ ଭୂମିସୁତା ଲହଜଲଙ୍କୁ ବିବାହ ହୋଇଥିବାବେଳେ ତାଙ୍କର ପୁଣି ଏକ ଝିଅ ଜନ୍ମହେଲା। ଏହାର ପରେ ୨୦୧୯ରେ ବୀରକିଶୋରଙ୍କ ଦେହାନ୍ତ ହୋଇଥିଲା। ପରେ ଚାରି ଛୁଆଙ୍କୁ ନେଇ ଭୂମିସୁତା ବହୁ କଷ୍ଟରେ ପରିବାର ଚଳାଉଥିଲେ। ଗତ ୨୪ ଏପ୍ରିଲରେ ଭୂମିସୁତାଙ୍କ ମଧ ଦେହାନ୍ତ ହେଲା। ଚାରିଜଣ ଛୁଆ ଅନାଥ ହୋଇଗଲେ। ସେମାନେ ନିଜ ବାସସ୍ଥଳୀ ଛାଡି ଖସିଗୁଡାରେ ଅଜାଆଇଙ୍କ ଘରେ ରହୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ହୋଇଥିଲା। ଏହି ବିଷୟ ଯୁବ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଜାଣି ଗୋଲାମୁଣ୍ଡାର ରବୀନ୍ଦ୍ର ରାଉତଙ୍କ ସହ ଯୋଗାଯୋଗ କରି ସେମାନଙ୍କ ସମସ୍ୟା ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କୁ ଜଣାଇ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ରଙ୍କ ନିର୍ଦ୍ଦେଶରେ ସମସ୍ତ ଶିଶୁଙ୍କୁ ରବିବାର ଶିଶୁ ମଙ୍ଗଳ ସମିତିଙ୍କ ପାଖରେ ଉପସ୍ଥିତ କରାଯାଇ ସେମାନଙ୍କୁ ସରକାରୀ ସୁବିଧା ଦେବା ପାଇଁ ସ୍ଥିର କରାଯାଇଥିଲା। ବଡ଼ଝିଅ ସୁମନିଙ୍କୁ ସରକାରଙ୍କ ଗ୍ରୀନ କାର୍ଡ ମାଧ୍ୟମରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରାଯାଇଥିବା ବେଳେ ଦ୍ୱିତୀୟ ଝିଅ ଗୁଆଦେଇ ଭଲ ମାର୍କ ରଖି ମାଟ୍ରିକ ପାସ କରିଥିବାରୁ ତାଙ୍କୁ ସରକାରୀ ଆଇଟିଆଇରେ ମାଗଣା ଶିକ୍ଷା ପ୍ରଦାନ କରାଯିବ। ସେହିପରି ରୋଶନଙ୍କୁ ଏନ୍ଏନ୍ଏସ୍‌ରେ ରଖି ମାଗଣାରେ ପାଠ ପଢ଼ିବା ବ୍ୟବସ୍ଥା କରାଯାଇଥିବା ବେଳେ ଛୋଟ ଝିଅ ସୁବିଙ୍କୁ ମାସିକ ୪ ହଜାର ଟଙ୍କା ଦେବା ସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାପାଇଁ ସ୍ଥିର କରାଯାଇଛି। ଏଭଳି ମହତ୍ତ୍ୱ କାର୍ଯ୍ୟ କରିଥିବାରୁ ସ୍ୱେଚ୍ଛାସେବୀ ରବୀନ୍ଦ୍ର ରାଉତ, ଯଶୋବନ୍ତ ରଣା, ଶ୍ୟାମସୁନ୍ଦର ଅଗ୍ରୱାଲ, ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ତାଙ୍କ ପରିବାର ସମେତ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।



ଜିଲା ଶିଶୁ ମଙ୍ଗଳ ସମିତିରେ ୪ ଅନାଥ ଶିଶୁ, ସ୍ୱେଚ୍ଛାସେବୀ।

**■ସହାୟତାର ହାତ ବଢ଼ାଇଲା ଜିଲା ଶିଶୁ ମଙ୍ଗଳ ସମିତି**

**■ମା'ଙ୍କ ପରେ ବାପାଙ୍କ ହୋଇଛି ମୃତ୍ୟୁ**

## ଧାନ କିଆରିରୁ ଚେତାଶୂନ୍ୟ ଅଜଣା ବୃଦ୍ଧ ଉଦ୍ଧାର

**ନୂଆପଡ଼ା,୨୩।୭(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ଥାନା ତରବୋଡ ଗାଁର ଏକ ଧାନ କିଆରିରୁ ଜଣେ ଅଜଣା ୬୦ ବର୍ଷର ବୃଦ୍ଧଙ୍କୁ ତରବୋଡ ପୋଲିସ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ବୃଦ୍ଧ କଥା କହି ପାରୁ ନ ଥିବାରୁ ଠିକଣା ଜଣାପଡ଼ି ନାହିଁ। ସ୍ଥାନୀୟ ଲୋକଙ୍କୁ ଡାକି ଚିହ୍ନଟ କରାଯାଇଥିଲେ ମଧ୍ୟ କେହି ଚିହ୍ନି ପାରିଲେ ନାହିଁ। ସେ ଭିକ୍ଷୁକ ହୋଇଥିବ ବୁଲି ବୁଲି ଭୋକ ବିକଳରେ ଏପରି ହୋଇଥାଇ ପାରେ ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ରବିବାର ପୂର୍ବାହ୍ନ ୧୧ଟାରେ କଳାକାହ୍ନୁ ବନଛୋର ଧାନ ବେଉଷଣ ପାଇଁ ହଳ ନେଇ ତୁଳାରାମ ପ୍ରଧାନଙ୍କ ଧାନ କିଆରିକୁ ଯାଇଥିଲେ। ହଳ କରିବା ସମୟରେ ବୃଦ୍ଧ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେ କାଳେ ମରି ଯାଇଥିବ ଭାବି ପାଖକୁ ନ ଯାଇ ତୁଳାରାମଙ୍କୁ କହିଥିଲେ। ତୁଳାରାମ ତରବୋଡ ଫାଣ୍ଡିକୁ ଫୋନ ଯୋଗେ ଜଣାଇବାରୁ ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ଓ ବିଜୟ ରାଉତ ଏବଂ ନୂଆପଡା ଅଗ୍ନିଶମ ବିଭାଗଙ୍କ ସହାୟତାରେ ବୃଦ୍ଧଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଦ୍ଧାର ସମୟରେ ରତନ ଦୁବେ, ମନରଞ୍ଜନ ବଘେଲ, ବିନୋଦ ନାୟକ, ରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ୫-ଟି ହାଇସ୍କୁଲ ନିର୍ମାଣ ଆରମ୍ଭରୁ ଫାଟ



୫-ଟି ହାଇସ୍କୁଲ ନିର୍ମାଣ ଆରମ୍ଭରୁ ଫାଟ।

**କର୍ଲାମୁଣ୍ଡା,୨୩।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତରେ ଦୀର୍ଘ ବର୍ଷ ପରେ ଗୋଟିଏ ପରିବାର ଲୋକେ ଭୂମିଦାନ କରିବା ପରେ ଉକ୍ତ ଗ୍ରାମରେ ଥିବା ସରକାରୀ ଉନ୍ନୀତ ହାଇସ୍କୁଲ ୫-ଟିରେ ସାମିଲ ହୋଇଥିଲା। ଏଥିପାଇଁ ଆସିଥିବା ଅନୁଦାନରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ହେଉ ଫାଉଣ୍ଡେଶନ ଫାଟି ଯାଇଥିବା ଦେଖିବାକୁ ମିଳିଛି। ଯଦି ମୂଳଦୁଆର ଅବସ୍ଥା ଏପରି ହୁଏ ତାହେଲେ ଘର କିପରି ହେବ ବୋଲି ପ୍ରଶ୍ନ ଉଠୁଛି। ଏ ନେଇ ବ୍ଲକ ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକଙ୍କୁ ପଚାରିବରୁ କଳା ମାଟି ଯୋଗୁ ଫାଟିଛି ବୋଲି କହିଥିଲେ। ଜିଲାପାଳ ବ୍ଲକରେ ଚାଲିଥିବା ୫-ଟି କାମଗୁଡିକୁ ଗୁରୁତର ସହ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଗ୍ରାମବାସୀ ଏହି କାମ ବିରୋଧ କରିବାରୁ ମରାମତି କରାଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଠିକାଦାରୀ ଭିତ୍ତିରେ କାମ ଚାଲୁଥିବାରୁ ତଥା ଲାଭଖୋର ମନୋବୃତ୍ତି ହେତୁ କାମର ମାନ ଠିକ ରହୁ ନ ଥିବା ଚର୍ଚ୍ଚା ହେଉଛି।

# ଖବର ପ୍ରକାଶ ପରେ ଡେଙ୍ଗାଗୁଡ଼ା ରାସ୍ତା ମରାମତି

**କୋକସରା,୨୩।୭ (ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବୋବରିଆ ଛକରୁ ଡେଙ୍ଗାଗୁଡା ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ଶୋଚନୀୟ ହୋଇ ପଡିଛି। ଏ ନେଇ ଗତ କିଛି ଦିନ ତଳେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାସଂସ୍ଥା ତତ୍ପରତା ଦେଖାଇଛି। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଓ କାର୍ଯ୍ୟ ପାଇଁ ଟେଣ୍ଡର ପାଇଥିବା ଠିକାସଂସ୍ଥା ସହିତ କଥା ହୋଇ ବର୍ଷା ଦିନ ପାଇଁ ସାମୟୀକ ଭାବେ ରାସ୍ତା ମରାମତି କରିବାକୁ ଠିକାସଂସ୍ଥାକୁ ଅନୁରୋଧ କରିଥିଲେ। ଠିକାସଂସ୍ଥା ପକ୍ଷରୁ ଶନିବାରଠାରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ବର୍ଷା ଦିନ ପରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବା ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ମରାମତି କାର୍ଯ୍ୟ ତଦାରଖ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେଶ ବରିହା ଓ ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ପହଞ୍ଚି ମରାମତି କାର୍ଯ୍ୟ ଦେଖିଛନ୍ତି। ଏହି ସମୟରେ ବୋବରିଆ ଓ ଡେଙ୍ଗାଗୁଡା ଅଞ୍ଚଳର ଲୋକେ ଉପସ୍ଥିତ ରହି ରାସ୍ତା ମରାମତି ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ବ୍ଲକ ଉପାଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ରାସ୍ତା ମରାମତି କରାଯାଉଛି।

# ବିଷାକ୍ତ ଛତୁଖାଇ ୪ ଅସୁସ୍ଥ, ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି

**ଖଡ଼ିଆଳ,୨୩।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବଙ୍କାପୁର ଗ୍ରାମର ଗୋଟିଏ ପରିବାରର ୪ଜଣ ବିଷାକ୍ତ ଛତୁଖାଇ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିବା ଜଣାପଡିଛି। ସୂଚନା ଅନୁସାରେ ବଙ୍କାପୁର ଗ୍ରାମର ପଦ୍ମାବତୀ ବେଭେରା (୪୦) ନିଜ ଜମିକୁ ରବିବାର ସକାଳ ସମୟରେ ଯାଇଥିଲେ। ସେଠାରେ ଛତୁ ଦେଖି ଘରକୁ ଆଣି ରୋଷେଇ କରି ନିଜେ ଖାଇବା ସହ ପୁଅ ଭୋଜରାଜ (୧୭), ଝିଅ ସୀମା (୯), ପଦ୍ମାବତୀଙ୍କ ଭାଇର ଝିଅ ପ୍ରାଚୀ ଖାଇଥିଲେ। ବିଷାକ୍ତ ଛତୁ ଥିବାରୁ ୪ଜଣ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ସ୍ୱାମୀ ଟଙ୍କଧର କାମ କରିବା ପାଇଁ ବାହାରକୁ ଯାଇଥିଲେ। ଖବର ପାଇ ଘରକୁ ଆସି ଅସୁସ୍ଥ ଥିବା ସମସ୍ତଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସମସ୍ତେ ସୁସ୍ଥ ଥିବା ଜଣାପଡିଛି।



# ମନ୍ଥର ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ

**କେସିଙ୍ଗା,୨୩।୭(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଗୋକୁଳେଶ୍ୱର ଗ୍ରାମପଞ୍ଚାୟତ ଗୋକୁଳେଶ୍ୱରରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବିନା ସୂଚନା ଫଳକ, ନିମ୍ନମାନର ଏବଂ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏ ନେଇ ଗ୍ରାମବାସୀ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋକୁଳେଶ୍ୱର ଗ୍ରାମପଞ୍ଚାୟତରେ ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟ ନ ଥିବାରୁ ରାଜସ୍ୱ ଆଦାୟ କରିବା ପାଇଁ ବହୁ ଅସୁବିଧା ହେଉଥିଲା। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ଦୃଷ୍ଟିରେ ରଖି ନୂତନ ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ରେଭିନ୍ୟୁ ଡିପାର୍ଟମେଣ୍ଟ ପକ୍ଷରୁ ଆର୍ଥ ମଞ୍ଜୁର କରିଛନ୍ତି। ଗ୍ରାମାଞ୍ଚଳରେ ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଥିବା ବେଳେ ଠିକାଦାର ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରି ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟ ନିମ୍ନମାନର କାମ ସିମେଣ୍ଟ, ଲୁହାରଡ଼ ଲଗାଇ କାମ କରୁଥିବା ଗ୍ରାମବାସୀ ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅକଯ୍ୟୁକେଟିଭ ଇଞ୍ଜିନିୟରଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ଠିକାଦାର ଜଣକ ଫାଉଣ୍ଡେଶନ ଖୋଲି ପୁଣି ନୂତନ କାର୍ଯ୍ୟ କରିଥିଲେ। ନିମ୍ନମାନର ସିମେଣ୍ଟ, ରଡ଼ ଲଗାଇ କାମ କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟରେ ବିନା ସୂଚନା ଫଳକରେ କାମ ଚାଲିଛି। ଆଜକୁ ୩ ମାସରୁ ଊର୍ଦ୍ଧ୍ୱ ହେଲାଣି ମନ୍ଥର ଗତିରେ କାମ ଚାଲିଛି। କାର୍ଯ୍ୟାଳୟ ନିର୍ମାଣ ସମୟରେ ସିମେଣ୍ଟ ଇଟାରେ ପାଣି ସିଞ୍ଚନ କରାଯାଉ ନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତ ରହିଥିବାରୁ ଠିକାଦାରଙ୍କ ମୁନ୍ସୀ ଦ୍ୱାରା କାମ କରାଯାଉଛି। କାର୍ଯ୍ୟାଳୟ ନିର୍ମାଣର ପ୍ରତ୍ୟେକ କଲମଗୁଡ଼ିକରେ ନିମ୍ନମାନର, ବାଲି ସିମେଣ୍ଟ, ଚିପସ ମିଶାଇ କାମ କରାଯାଉ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀ ଶୁଖିଶ୍ୟାମ ନାଏକଙ୍କୁ ପଚାରିବାରୁ ମୁ ଜଣେ ସବୁବେଳେ ସେହି ଗୋଟାଏ କାର୍ଯ୍ୟରେ ରହିପାରିବି କି, ଅନେକେ କାମ ମୋର ରହିଛି ବୋଲି ପ୍ରକାଶ କରିଥିଲେ।



ଗୋକୁଳେଶ୍ୱର ଗ୍ରାମରେ ନିର୍ମାଣାଧୀନ ରାଜସ୍ୱ କାର୍ଯ୍ୟାଳୟ।

**ଗୋକୁଳେଶ୍ୱର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ**

**■ନିମ୍ନମାନର କାର୍ଯ୍ୟ ନେଇ ଗ୍ରାମବାସୀଙ୍କ ଅଭିଯୋଗ**

## ସଂକ୍ଷେପରେ

### ମୂଳ ନିବାସୀ ଛାତ୍ର, ଯୁବ ସାମ୍ମୁଖ୍ୟ ବୈଠକ

ପଦ୍ମପୁର ୨୩।୭ (ପ୍ରଦୀପ୍ତ ଦାଶ): ପଦ୍ମପୁର ଅଧୀନସ୍ଥ ଭେଡେଁରିଆ ପଞ୍ଚାୟତରେ ରବିବାର ମୂଳ ନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପଦ୍ମପୁର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ, ପଦ୍ମପୁର, ଗାଇସିଲାଟ ବ୍ଲକର କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରିଥିଲେ। ଭେଡେଁରିଆ ସରପଞ୍ଚ ଚୈତନ୍ୟ ଲୋହାର ଅତିଥି ଭାବେ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ଫଟୋ ଚିତ୍ର ସମ୍ମୁଖରେ ପ୍ରଦୀପ ଜାଳି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଗାଁ ଯୁବକ ଓ ଛାତ୍ରମାନଙ୍କୁ ସଙ୍ଗଠନରେ ସାମିଲ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଗୁରୁତ୍ୱାରୋପ କରିବା, ସମସ୍ତ ଲୋକ ଯେଭଳି ନିଜର ମୌଳିକ ଅଧିକାର ପାଇପାରିବେ ସେହି ପ୍ରସଙ୍ଗରେ ପ୍ରତ୍ୟେକ ଗାଁରେ ସଚେତନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ଦିନରେ ପଦ୍ମପୁର ଉପଖଣ୍ଡର ସମସ୍ତ ବ୍ଲକରେ ସଙ୍ଗଠନ ମଜବୁତ କରିବାକୁ ମତପ୍ରକାଶ ପାଇଥିଲା।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବରଗଡ଼,୨୩।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲିର ଧର୍ମପ୍ରାଣା ମହିଳା ବନୀତା ବର୍ଡିଆ(୪୫)ଙ୍କ ରବିବାର ପରଲୋକ ହୋଇଛି। ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ଅମ୍ବାପାଲି ଦୁର୍ଗାମଣ୍ଡପ ନିକଟ ବାସଭବନରେ ତାଙ୍କ ପରଲୋକ ହୋଇଥିଲା। ସେ ସ୍ଥାନୀୟ ସତ୍ୟନାରାୟଣ ବିର୍ଡିଆଙ୍କ ସ୍ତ୍ରୀ ଅଟନ୍ତି। ତାଙ୍କ ପରଲୋକରେ ଅମ୍ବାପାଲିରେ ଗଭୀର ଶୋକପ୍ରକାଶ ପାଇଛି ।



ବରଗଡ଼ କେଶବନଗର ସରସ୍ୱତୀ ଶିଶୁ ମନ୍ଦିର ପାର୍ଶ୍ୱରେ ନିର୍ମାଣାଧୀନ ଡ୍ରେନ ।



ସ୍କୁଲ ଛୁଟି ପରେ ଛାତ୍ରୀଛାତ୍ର ଅଭିଭାବକଙ୍କ ସହିତ ଘରକୁ ଫେରୁଛନ୍ତି ।

# ବିପଦ ସାଜିଛି ମୁକୁଳା ଡ୍ରେନ

ବରଗଡ଼,୨୩।୭(ପ୍ରେମାନନ୍ଦ ଖମାରୀ)

ମୁକୁଳା ଡ୍ରେନ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟୁଛି। ଡ୍ରେନ ଭିତରେ ପଡ଼ି ଲୋକେ ମୃତାହତ ହେଉଛନ୍ତି। ଏହାସତ୍ତ୍ୱେ ସେଭଳି ଅଘଟଣ ଏଡାଇବା ପାଇଁ ପ୍ରଶାସନର ଚେତା ପଶୁନାହିଁ। ଏବେ ମଧ୍ୟ ଅନେକ ସ୍ଥାନରେ ଡ୍ରେନଗୁଡ଼ିକ ମୁକୁଳା ଅବସ୍ଥାରେ ପଡ଼ିଛି। ବରଗଡ଼ ସହର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ସହରର ବିଭିନ୍ନ ସ୍ଥାନରେ ନିର୍ମିତ ଏବଂ ନିର୍ମାଣାଧୀନ ଡ୍ରେନଗୁଡ଼ିକ ମୁକୁଳା ହୋଇ ପଡ଼ିଛି। ଏପରିକି ସମ୍ପୃକ୍ତ ସ୍ଥାନରେ ବାଡ଼ କିମ୍ବା କୌଣସି ସାଙ୍କେତିକ ଚିହ୍ନ ମଧ୍ୟ ଦିଆଯାଇ ନ ଥିବା ପରିଲକ୍ଷିତ ହୋଇଛି। ଫଳରେ ତାହା ଲୋକଙ୍କ ପାଇଁ ବିପଦ ସାଜିଛି। ବର୍ଷା ହେଲେ ଅଘଟଣ ଆଶଙ୍କା ରହିଛି।

ସହରରୁ ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣର ଯଥେଷ୍ଟ ଆବଶ୍ୟକତା ରହିଛି। ଏହି କ୍ରମରେ ବରଗଡ଼ ସହରର ବିଭିନ୍ନ ଗଳିକନ୍ଦିରେ ଡ୍ରେନ ନିର୍ମାଣ ହୋଇଥିବା ବେଳେ କେତେକ ସ୍ଥାନରେ ଡ୍ରେନ ନିର୍ମାଣାଧୀନ ରହିଛି । ତେବେ ସହର ମଧ୍ୟରେ ରହିଥିବା ବିଭିନ୍ନ ଡ୍ରେନ ମଇଳା ଆବର୍ଜନାରେ ପୂରିରହିଥିବାରୁ ପାଣିନିଷ୍କାସନ ଠିକ୍ ଭାବେ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି କେତେକ ଡ୍ରେନରେ ଢ଼ାଙ୍କୁଣି ଦିଆହୋଇ ଥିବାବେଳେ ଅନେକ ଜାଗାରେ ଡ୍ରେନ ମୁକୁଳା ପଡ଼ିଛି। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ସହରର ବିଭିନ୍ନ ଗଳିକନ୍ଦିରେ ଡ୍ରେନ ନିର୍ମାଣାଧୀନ ରହିଛି।

ସେଭଳି ନିର୍ମାଣାଧୀନ ଡ୍ରେନ ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଡ୍ରେନ ପାଇଁ ଗାତ ଖୋଳାଯାଇ କେଉଁଠି କାମ ଅଧାରେ ଅଟକି ମୁକୁଳା ହୋଇ ପଡ଼ିଥିବାବେଳେ ଆଉ କେଉଁଠି ଡ୍ରେନ ନିର୍ମାଣ ପାଇଁ ଉଦ୍ଦିଷ୍ଟ ବାଲି, ମେଟାଲ ରାସ୍ତା ଉପରେ ଗଦା ହୋଇଛି । ବରଗଡ଼ କେଶବ ନଗର ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଡ୍ରେନ ସେଭଳି ନିର୍ମାଣାଧୀନ ଥିବାବେଳେ

**■ରାସ୍ତା ଉପରେ ବାଲି, ମେଟାଲ**

**■ଯାତାୟାତ ସମୟରେ ହଟହଟା**

ସହରର ଏକାଧିକ ସ୍ଥାନର ରାସ୍ତା ଉପରେ ବାଲି, ଗେଟି ଗଦା ହୋଇଛି। ଫଳରେ ଯାତାୟାତ ପାଇଁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ଏପରିକି ସ୍କୁଲକୁ ଯିବା ଆସିବା ସମୟରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ବରଗଡ଼ର ଜଣେ ନାଗରିକ ଶିବାନନ୍ଦ ମଟାରୀ କହିଛନ୍ତି, ପ୍ରଶାସନର ଅବହେଳା ଯୋଗୁ ସହରର ଡ୍ରେନ ଗୁଡ଼ିକ ମୁକୁଳା ପଡ଼ିଛି। ବର୍ଷା ଆସିବା ପୂର୍ବରୁ ସମସ୍ତ ଡ୍ରେନ ସଫା କରାଯିବା କଥା। ସେହିପରି ଯେଉଁଠାରେ ନୂତନ ଡ୍ରେନ ନିର୍ମାଣ କରାଯାଉଛି, ସେହି କାମ ମଧ୍ୟ ବର୍ଷା ଆଗରୁ ସାରିବା କଥା। କିନ୍ତୁ ସେଭଳି କରାଯାଇ ନ ଥିବା ଯୋଗୁ ଲୋକେ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁକୁଳା ଡ୍ରେନରେ ବିଭିନ୍ନ ସମୟରେ ଗାଈ,ଗୋରୁ ପଡ଼ି ଯାଉଥିବାବେଳେ ରାସ୍ତା ଉପରେ ବାଲି, ମେଟାଲ ଗଦା ହୋଇଥିବା ଯୋଗୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଜଣେ ସ୍ଥାନୀୟ ନାଗରିକ ରାଜେନ୍ଦ୍ର ସିକନ୍ଦର କହିଛନ୍ତି, ବର୍ଷା ସମୟରେ ସେଭଳି ଡ୍ରେନ ନିର୍ମାଣର କିଛି ଆବଶ୍ୟକତା ନାହିଁ। ବର୍ଷା ପୂର୍ବରୁ ତାହା କରାଯିବା ଦରକାର। ବର୍ତ୍ତମାନ ଡ୍ରେନ ନିର୍ମାଣ ହେଉଛି। ହେଲେ କୌଣସି ପ୍ରଶାସନିକ ଅଧିକାରୀ ତଦାରଖ କରିବା ଦେଖାଯାଉନାହିଁ। ଏହା ପ୍ରଶାସନର ଦୂରଦୃଷ୍ଟିହୀନତାକୁ ସୂଚାଉଛି ଏବଂ ଏଥିପାଇଁ ସ୍ଥାନୀୟ ଲୋକେ ହଟହଟା ହେଉଛନ୍ତି ବୋଲି ସିକନ୍ଦର କହିଛନ୍ତି। ଏ ସମ୍ପର୍କରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ବର୍ଷା ହେବା ଯୋଗୁ ଡ୍ରେନ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଥିଲା। ଅଳ୍ପ କିଛିଦିନ ମଧ୍ୟରେ ଯେଭଳି ଡ୍ରେନ ନିର୍ମାଣ କାର୍ଯ୍ୟ ଠିକ୍‌ଭାବେ ଶେଷ ହେବ, ସେଥିପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବିଧାୟକ ଆଚାର୍ଯ୍ୟ କହିଛନ୍ତି।

## ରାସ୍ତା ମରାମତି ପାଇଁ ଦାବି

ପଦ୍ମପୁର,୨୩।୭(ପ୍ରଦୀପ୍ତ ଦାଶ)



ପିଲାମାନେ କାଦୁଆ ରାସ୍ତାରେ ସ୍କୁଲକୁ ଯାଉଛନ୍ତି।

ପଦ୍ମପୁର ଉପଖଣ୍ଡ ବରିକେଲ ଗ୍ରାମପଞ୍ଚାୟତ ଖଣ୍ଡସିବାଞ୍ଜିରୁ ବରିକେଲ ରାସ୍ତା ମରାମତି ପାଇଁ ଦାବି ଜୋର ଧରିଛି। ରାସ୍ତା ଅବସ୍ଥା ଏମିତି ଶୋଚନୀୟ ହୋଇଛି ଯେ ଅତି ଆବଶ୍ୟକ ନ ହେଲେ ଲୋକମାନେ ଯାଉନାହାନ୍ତି। ଛାତ୍ରୀଛାତ୍ରମାନେ ବାଧହୋଇ ଏହି ରାସ୍ତାରେ ସ୍କୁଲକୁ ଯାତାୟତ କରୁଛନ୍ତି। ଉକ୍ତ ରାସ୍ତା ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରେଡିଓ ଗୁଞ୍ଜନକୁ ଜାତୀୟ ପୁରସ୍କାର



ରେଡିଓ ଗୁଞ୍ଜନର ଅଧିକାରୀ ଜାତୀୟ ପୁରସ୍କାର ଗ୍ରହଣ କରୁଛନ୍ତି ।

ବରଗଡ଼,୨୩।୭(ପ୍ରେମାନନ୍ଦ ଖମାରୀ) ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଉଲ୍ଲେଖନୀୟ ଭୂମିକା ପାଇଁ ବରଗଡ଼ର ରେଡ଼ିଓ ଗୁଞ୍ଜନକୁ ଜାତୀୟ କମ୍ୟୁନିଟି ରେଡ଼ିଓ ପୁରସ୍କାର ମିଳିଛି। ଦିଲ୍ଲୀରେ ଆୟୋଜିତ କମ୍ୟୁନିଟି ରେଡ଼ିଓ ସମ୍ମେଳନରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଏହା ପ୍ରଦାନ କରିଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଅପୂର୍ବ ଚନ୍ଦ୍ରଙ୍କ ସମେତ ପ୍ରସାରଣ ଏବଂ ମିଡ଼ିଆ ଇଣ୍ଡଷ୍ଟ୍ରିର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମସି)ର ମହାନିର୍ଦ୍ଦେଶକ ଡ. ଅନୁପମା ଭଟନଗର, ଏମ୍‌ଆଇବିର ଅତିରିକ୍ତ ସଚିବ ନୀରଜା ସେଖର, ଯୁଗ୍ମ ସଚିବ ସି.ରାଜନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପୁରସ୍କାର ପାଇବା ପରେ ରେଡ଼ିଓ ଗୁଞ୍ଜନର ନିର୍ଦ୍ଦେଶକ ନିହାର ରଞ୍ଜନ ପଣ୍ଡା କୃତଜ୍ଞତା ଜଣାଇଛନ୍ତି ।

# ବୀମା ପଲିସି ଉପରେ କମ୍ପାନୀର ନୂଆ ନିୟମ

ବରଗଡ଼,୨୩।୭(ପ୍ରେମାନନ୍ଦ ଖମାରୀ)

**■ବିରୋଧରେ ବଢ଼ୁଛି ଚାଷୀ ଅସନ୍ତୋଷ**

**■ତ୍ରିପାକ୍ଷିକ ବୈଠକ, ବାହାରିଲାନି ନିର୍ଯାସ**

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସରକାର ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ ସହିତ ଜାରି କରିଛନ୍ତି। ଏହାସତ୍ତ୍ୱେ ବରଗଡ଼ ଜିଲା ପାଇଁ ଏହି ଯୋଜନାରେ ରହିଥିବା ବୀମା କମ୍ପାନୀ ସେଥିରେ ଅଧିକ କିଛି ଗାଇଡ୍‌ଲାଇନ୍ ଲାଗୁ କରୁଛି। ବୀମା କମ୍ପାନୀର ଏଭଳି ମନମୁଖୀକୁ ନେଇ ଜିଲାର ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା। ବୈଠକରେ ପ୍ରଶାସନିକ ଅଧିକାରୀ, ବୀମା କମ୍ପାନୀର ଅଧିକାରୀ ଏବଂ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ କୌଣସି ନିର୍ଯାସ ବାହାରି ନ ଥିଲା ଏବଂ ଉପସ୍ଥିତ ବୀମା କମ୍ପାନୀ ପ୍ରତିନିଧିମାନେ ଚାଷୀଙ୍କ ଦାବି ନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ସମୟ ମାଗିଥବା ସୂଚନା ମିଳିଛି ।



ବୀମା ପଲିସି ନେଇ ତ୍ରିପାକ୍ଷିକ ବୈଠକ।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ପ୍ରତିବର୍ଷ ବିଭିନ୍ନ ସମସ୍ୟା ଉପୁଜୁଛି ଏବଂ ଅନେକ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତବର୍ଷ ରାଜ୍ୟ ସରକାର ପ୍ରିମିୟମମୁକ୍ତ ଫସଲବୀମା ରାଜ୍ୟରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଛନ୍ତି । ପୂର୍ବରୁ ଫସଲବୀମା ପ୍ରିମିୟମ ବାବଦକୁ ଉଭୟ କେନ୍ଦ୍ର, ରାଜ୍ୟ ସରକାର ଅଧା ଲେଖାଏଁ ରାଶି ଦେଉଥିବାବେଳେ ଚାଷୀଙ୍କୁ କେବଳ ୨ପ୍ରତିଶତ ଦେବାକୁ ପଡୁଥିଲା। ଏବେ କିନ୍ତୁ ଗୋଟିଏ ଆବେଦନକୁ ଗୋଟିଏ ଟଙ୍କା ଏବଂ ତାହା ପୁଣି ୨ହେକ୍ଟର ପର୍ଯ୍ୟନ୍ତ ଜମି ପାଇଁ ଦିଆଯାଉଛି ଏବଂ ଅଧିକ ବୀମା କଲେ ଚାଷୀଙ୍କୁ ପ୍ରିମିୟମ ଦେବାକୁ ପଡୁଛି ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି ।

ସେହିପରି ଫସଲବୀମା ଗାଇଡ୍‌ଲାଇନ ଅନୁଯାୟୀ, ପ୍ରିମିୟମ, ଜମି ରେକର୍ଡ଼, ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ଚାଷ ସମ୍ବନ୍ଧରେ ଘୋଷଣାନାମା ଦେବାକୁ ପଡ଼ିଥାଏ । ସେଥିପାଇଁ ସମ୍ପର୍କୀୟମାନଙ୍କୁ ଆଗରୁ ସେହି ବ୍ୟବସ୍ଥାରେ ସୂଚନା ଦେବାକୁ ପଡୁଥିଲା। ଗତବର୍ଷ ଆର୍‌ଆଇ ଲେଖା ଦେଇ ବୀମା କରିପାରୁଥିଲେ। କିନ୍ତୁ ଚଳିତବର୍ଷ ରିଲାଏନ୍ସ କମ୍ପାନୀ ବରଗଡ଼ ଜିଲାରେ ଫସଲବୀମା ଦାୟିତ୍ୱ ନେଇଥିବାବେଳେ ନିଜେ ୨ଟି ଗାଇଡ୍‌ଲାଇନ ଅର୍ଥାତ୍ ନିୟମ ଲାଗୁ କରିଛି, ଯାହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି । ସେହି ନିୟମ ଅନୁଯାୟୀ, ଭାଗଚାଷୀମାନେ ଜମି ମାଲିକଙ୍କଠାରୁ ଶହେ ଟଙ୍କାର କୋର୍ଟ ଏଗ୍ରିମେଣ୍ଟ ଆଣି ଦେବେ ଏବଂ ଗତବର୍ଷ ତିଆରି ହୋଇଥିବା ବଂଶାବଳୀ ଏଥର ଚାଲିବ ନାହିଁ। କୃଷକ ସଙ୍ଗଠନ ଏହାକୁ ବିରୋଧ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ସେହି କ୍ରମରେ ରବିବାର ବୈଠକ ବସିଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ, ପରିସଂଖ୍ୟାନ ନିର୍ଦ୍ଦେଶିକା ସୋନାଲିକା ସାହୁ, କୋ ଅପରେଟିଭ୍ ବ୍ୟାଙ୍କ ମ୍ୟାନେଜର ପ୍ରଫୁଲ୍ଲ ପାତ୍ର, କୃଷି ଅଧିକାରୀ ଅମୂଲ୍ୟ ସାହୁ, ବୀମା କମ୍ପାନୀ ଅଧିକାରୀ ରାଜେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାଷୀ ପ୍ରତିନିଧି ଭାବେ ମହାପାତ୍ରଙ୍କ ସମେତ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକ, ଅଜିତ ଶତପଥି, ଅଶୋକ ସାହୁ, ଅରବିନ୍ଦ ପଣ୍ଡା, ଲିଙ୍ଗରାଜ ପ୍ରଧାନ, ସୁବାସ ପ୍ରଧାନ, ପ୍ରଭାତ ସାହୁ, ସୁରେନ୍ଦ୍ର ସାହୁ, ଥବୀର ସାହୁ, ଇଶାନ୍ତ ଭୋଇ, ପ୍ରକାଶ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଲକ୍ଷେଘର ଜାତି ସମାଜର ସମାବେଶ

ବରଗଡ଼,୨୩।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଓଡ଼ିଶା ପ୍ରଦେଶ ଲକ୍ଷେଘର ଜାତି ସମାଜ ମହାସଂଘର ସାମାଜିକ ସଙ୍ଗଠନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ କଚେରୀ ସମ୍ମୁଖ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ଶୋଭାଯାତ୍ରାରେ ସମାଜର ଶତାଧିକ ଲୋକ ବିଜୁ ପଟ୍ଟନାୟକ ଟାଉନ ହଲରେ ପହଞ୍ଚିଥିଲେ। ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ସଭା ହୋଇଥିଲା। ସଭାରେ ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା, ଦେବଗଡ଼, ବୌଦ୍ଧ, ନୂଆପଡ଼ା, କୋରାପୁଟ ଆଦି ଜିଲାର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଗରୀବ ଛାତ୍ରୀଛାତ୍ରଙ୍କ ଶିକ୍ଷା, ଯୁବକଙ୍କୁ ରୋଜଗାରକ୍ଷମ କରାଇବା, ନିଶାଦ୍ରବ୍ୟରୁ ନିବୃତ୍ତ ରହିବା ଆଦି ଉପରେ ସଭାରେ ଆଲୋଚନା ହୋଇଥିଲା। ବରଗଡ଼ ଜିଲା ଗଣ୍ଡା ସମାଜ ମହାସଂଘ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଧର୍ମରାଜ ବିଭାର, ପ୍ରହଲ୍ଲାଦ ଭେସ୍ରା, ଶ୍ୟାମ ଭେସ୍ରା, ନିଶିକାନ୍ତ ବାଗ, ସୁରେଶ ମହାନନ୍ଦ, ଟଙ୍କଧର ଭେସ୍ରା, ଅଭିନାଶ ବାଗ, ମନୋଜ ଭେସ୍ରା, ନିର୍ମଳ କୁଅଁର, ପ୍ରଦୀପ ଭେସ୍ରା, ରମେଶ ଭେସ୍ରା, ମନୋଜ ବାଗ ପ୍ରମୁଖ ସହଯୋଗ କରିଥିଲେ ।

## ବୃକ୍ଷରୋପଣକୁ ଉତ୍ସାହିତ କଲେ ଜିଏସ୍‌ଟି ଜଏଣ୍ଟ କମିଶନର



ବୃକ୍ଷରୋପଣ କରିବା ଅବସରରେ ଉପସ୍ଥିତ ପିଲାମାନେ।

ପଦ୍ମପୁର,୨୩।୭(ପ୍ରଦୀପ୍ତ ଦାଶ)

ବିଶ୍ୱରେ ତାପମାତ୍ରା ବୃଦ୍ଧି, ଅମ୍ଳଜାନର ଅଭାବ, ଅଦିନିଆ ବର୍ଷାରେ ବ୍ୟାପକ କ୍ଷତିକୁ ନିୟନ୍ତ୍ରଣ କେବଳ ବୃକ୍ଷ ହିଁ କରିପାରିବ ବୋଲି ଲଖମରା ଜଗନ୍ନାଥ ଉଚ୍ଚବିଦ୍ୟାଳୟ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଏସ୍‌ଟି ଜଏଣ୍ଟ କମିଶନର ଲିଙ୍ଗରାଜ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଛନ୍ତି। ସେ ବୃକ୍ଷରୋପଣ ପ୍ରତି ଉତ୍ସାହିତ କରିବା ପାଇଁ ନିଜସ୍ୱ ଅର୍ଥରେ ଆମ୍ବ, ଲେମ୍ବୁ, ବରଗଛ, ଡାଳିମ୍ବ ଚାରା ସହ ସରକାରୀ ନର୍ସରୀରୁ ଜାମୁକୋଳି, କରଞ୍ଜ, ନିମ୍ବ, ବାହାଡା, ପାଟଳ ଚାରା ପ୍ରଦାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଜନକଲାଲ ମେହେର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୋଗଦାନ କରି ବୃକ୍ଷରୋପଣ କରିଥିଲେ।

# ଜନ୍ମାଷ୍ଟମୀ ପାଇଁ ଯାଦବ ସମାଜର ପ୍ରସ୍ତୁତି

ବରପାଲି,୨୩।୭ (ଚିତ୍ତରଞ୍ଜନ ସାହୁ)

ଚଳିତବର୍ଷ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଇଁ ରବିବାର ବରପାଲି ଯାଦବ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବରପାଲି ସ୍ଥିତ ଜୟ ଗୋପାଳ କଲ୍ୟାଣ ମଣ୍ଡପଠାରେ ଯାଦବ ସମାଜ ବ୍ଲକ ସଭାପତି ମନଫୁଲ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଏହି ତିନିଦିନିଆ କାର୍ଯକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଆସନ୍ତା ଅଗଷ୍ଟ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଯାତ୍ରା ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଗଲା। ଯାତ୍ରା କମିଟି ମୁଖ୍ୟ ପରିଚାଳକ ଭାବେ ପବିତ୍ର ବାଗ ମନୋନିତ ହୋଇଥିବା ବେଳେ ଜୟକାନ୍ତ ମହାକୁର, ନନ୍ଦ କିଶୋର ବାଗ, ରସାନନ୍ଦ ଥପା, ହଜାରୁ ମହାକୁର, ବିଶାମିତ୍ର ପୋଡ, ବ୍ରହ୍ମାନନ୍ଦ ହାତୀ ପ୍ରମୁଖ ପରିଚାଳନା କମିଟିରେ ରହିଛନ୍ତି। ଚଳିତ ବର୍ଷ ନନ୍ଦ ରାଜା ଭାବେ କୁଞ୍ଜ ବିହାରୀ ରାଉତ ଓ ବସୁଦେବ ଧୀରେନ୍ଦ୍ର ଭୋଇ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ । ପ୍ରସ୍ତୁତି ବୈଠକରେ ଖାଡିଆ ବର୍ଗର୍ତ୍ତି, ଗୋବିନ୍ଦ ଯୁଆଡ଼ି, ଆନନ୍ଦ କାଣ୍ଡ, ମନୋରଞ୍ଜନ ବର୍ଗର୍ତ୍ତି, ମାଣିକେଶର ବାଗ, କାନ୍ନ ପୋଡ଼, ମନବୋଧ ଭୋଇ, ସଚିନ ଭୋଇ, ପୁରନ୍ଦର ଠେଲା, ବିହାରୀ ପୋଡ଼, ନିକୁଞ୍ଜ ଷଣ୍ଢ, ଅକ୍ଷୟ ଭୋଇ, ସଚିନ ଭୋଇ, ଫଗୁନୁ ଚାଉଁର, ଭାଗବତ କାଣ୍ଡ, ଦଇତାରୀ ବିଶି, ଦୂତିଆ ଭୋଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ସଭ୍ୟ ଲକ୍ଷ୍ମୀ ଥପା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଯାଦବ ସମାଜର କର୍ମକର୍ତ୍ତାଗଣ।

# ସଚେତନତାରେ ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷା ସମ୍ଭବ

**ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଉତ୍ସବରେ ମତ ପ୍ରକାଶ**

ପାଇକମାଳ, ୨୩।୭(ବଡ ଶତପଥି)

ଭାବଭକ୍ତିର ସମ୍ମିଶ୍ରଣ ହେଉଛି ସଂକୀର୍ତ୍ତନ। ମାତ୍ର ସମ୍ପ୍ରତି ସଂକୀର୍ତ୍ତନ ଧୀରେ ଧୀରେ ଅପସଂସ୍କୃତି ଆଡକୁ ଠେଲି ହୋଇଯାଉଛି। ରବିବାର ବରଗଡ଼ ଜିଲା ପାଇକମାଳ ନୃସିଂହନାଥ ପୀଠରେ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଜିଲାସ୍ତରୀୟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଉତ୍ସବରେ ମତପ୍ରକାଶ ପାଇଛି।



କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସଂକୀର୍ତ୍ତନ କଳାକାରଗଣ।

ଜିଲା ସଂକୀର୍ତ୍ତନ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଲାଙ୍ଗୀର ହରିଶଙ୍କର ପୀଠରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ବରଗଡ଼ ଜିଲା ନୃସିଂହନାଥ ପୀଠରେ ପହଞ୍ଚିଥିଲା। ପରେ ଆବାହକ ଗୋପବନ୍ଧୁ ପୁରୋହିତ ତଥା ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସଂକୀର୍ତ୍ତନ ଗୁରୁ ନୃସିଂହ ଦାଶ ମୁଖ୍ୟ ଅତିଥି ଓ ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସଂକୀର୍ତ୍ତନ ସଂସ୍କୃତି କିପରି ଅପସଂସ୍କୃତି କବଳିତ ହେଉଛି ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ ପଟ୍ଟନାୟକ, ସାମାଜିକ କର୍ମୀ ଟିକେଲାଲ ନାଏକ, ସଂକୀର୍ତ୍ତନ ଗୁରୁ ସୁଧର୍ମା ଦାଶ, ସଂକୀର୍ତ୍ତନ ଗାୟକ ଗୋବିନ୍ଦ ଧରୁଆ, ଖଗେଶ୍ୱର ପୁରୋହିତ, ଲଳିତ ମୋହନ ପଣ୍ଡା, ସଦାନନ୍ଦ ଦାଶ ରାମଚନ୍ଦ୍ର ସାହୁ, ନୀଳ ଦେବତା, ସୁଶୀଲ ଦାଶ ପ୍ରମୁଖ ଯୋଗଦେଇ ଜନସଚେତନା ହିଁ ଅପସଂସ୍କୃତିକୁ ରୋକିପାରିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ପ୍ରଧାନ, ପଞ୍ଚାନନ ବାଗ, ସୁରେଶ ଗନ୍ତାୟତ, ଦୀପକ ବାରିକ, ଭରତ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ଗଣେଶ ରାମ ଭୋଇ, ଦେବାର୍ଚ୍ଚନ ଭୋଇ ପ୍ରମୁଖ ସଂକୀର୍ତ୍ତନର ସାମ୍ପ୍ରତିକ ଅବସ୍ଥାକୁ ଦେଖି କ୍ଷୋଭ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାରିକେଲ ସଂକୀର୍ତ୍ତନ ଦଳର ସଦସ୍ୟମାନେ ସହଯୋଗ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ ସଂସ୍କୃତି ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ନୀତିଶ ଆଚାର୍ଯ୍ୟ, ଗୁରୁ ସୁଧର୍ମା ଦାଶ, ଗାୟକ ଖଗେଶ୍ୱର ପୁରୋହିତ, ଗୋବନ୍ଦ ଧରୁଆ, ଟିକେଲାଲ ନାଏକ, ସଦାଶିବ ସାହୁଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିକେଲ ଶିବଶମ୍ଭୁ କୀର୍ତ୍ତନ ମଣ୍ଡଳୀ, ଦେଉଳି, ବାନ୍ଧୁରଟିକ୍ରା, ବିଶ୍ୱାସପୁର, ଛତିଶଗଡ଼ର ମହଦା, ପରସଖୋଲ, ଗଉରିଡିହି ଆଦି ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସନ୍ତୋଷ କୁମାର ରାଜହଂସ, ଜୟଦେବ ମଟାରୀ ସହଯୋଗ କରିଥିଲେ। ଆଗାମୀ ଦିନରେ ପଦ୍ମପୁରଠାରେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଘୋଷଣା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଜୁଲାଇ, ୨୦୨୩



## ନାଲାରୋଡ୍‌ରେ ଗୋଷ୍ଠୀ ସଂଘର୍ଷ, ୪ ଗିରଫ

ରାଉରକେଲା, ୨୩।୭(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ଓ ମରଣାନ୍ତକ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ୨ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୪୮।୨୩) ରୁଜୁ କରିଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ନାଲାରୋଡ୍ ଅଞ୍ଚଳର ଶେଖ୍ ଫିରଦୌସ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ବିଷାକ୍ତ ଛତୁ ଖାଇ ୪ ଗୁରୁତର

**ଲହୁଣୀପଡା, ୨୩।୭(ଦାଶରଥିପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ତାଳବାହାଲି ପଞ୍ଚାୟତ ମଦନପଡା ଗ୍ରାମରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ହେଲେ ପାଣ୍ଡାଲୁ ନାଏକ, ରତନି ନାଏକ, ବୁଟୁ ନାଏକ ଓ କପୁ ନାଏକ। ସୂଚନାଯୋଗ୍ୟ, ସେହି ଗ୍ରାମର ପାଣ୍ଡାଲୁ ନାଏକ ଶନିବାର ନିକଟସ୍ଥ ଜଙ୍ଗଲରୁ ଛତୁ ସଂଗ୍ରହ କରି ଆଣିଥିଲେ। ରାତିରେ ଘରେ ରୋଷେଇ କରି ପରିବାରର ସମସ୍ତେ ଖାଇ ପିଇ ଶୋଇଥିଲେ। ରବିବାର ସକାଳୁ ୩ ଜଣଙ୍କ ବାନ୍ତି ହେବା ସହ ଜଣଙ୍କର ରକ୍ତ ବାନ୍ତି ହେବାରୁ ସମସ୍ତେ ଗୁରୁତର ହେଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ତାଙ୍କୁ ବଣାଇ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ବିଷାକ୍ତ ଛତୁ ଖାଇ ସେମାନେ ଗୁରୁତର ହୋଇଥିବା ଡାକ୍ତର ଅନୁମାନ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା କେନ୍ଦୁପତ୍ର କର୍ମଚାରୀ ସଂଘ

**ବଡ଼ଗାଁ, ୨୩।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲାରେ କେନ୍ଦୁପତ୍ର କର୍ମଚାରୀ ସଂଘର ବୋନସ ଦାବିକୁ ରାଜ୍ୟ ସରକାର ପୂରଣ କରିଥିବାରୁ ରାଉରକେଲା ଡିଭିଜନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ଡିଭିଜନର ସମ୍ପାଦକ ତଥା ରାଜ୍ୟ ସଂଘର କୋଷାଧକ୍ଷ କ୍ଷେତ୍ର ଚରଣ ବାରିକଙ୍କ ସହିତ ସୁନ୍ଦରଗଡ, ବଣାଇ, ରାଜଗାଙ୍ଗପୁର, ରଜାମୁଣ୍ଡା, ଉଜ୍ଜଳପୁର, ଲେଫ୍ରିପଡା, କିଞ୍ଚିରକେଲା, ବାଲିଶଙ୍କରା, କୁଲୁଙ୍ଗାର ହେଡ୍ ଚେକର ଯଥାକ୍ରମେ, ଶୋଭା ଚନ୍ଦ୍ର ପ୍ରଧାନ, ବିରଞ୍ଚି ନାଏକ, କିଶୋର ମିଞ୍ଜ, ଦୁର୍ଗା ମହନ୍ତ, ତ୍ରିଲୋଚନ କିଷାନ, ଦୁଲେଶ୍ୱର୍ ମହାକୁଡ, ପର୍ଶୁରାମ ଭଇସାଲ, ଗିରିଧାରୀ ବାଡ଼ା, ପଦ୍ମଲୋଚନ ଦିବୁଲ ପ୍ରମୁଖ ସଂଘ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୨୨ରୁ କେନ୍ଦୁପତ୍ର ବନ୍ଧେଇ ଶ୍ରମିକ, ତୋଳାଳି, ସାମୟିକ କର୍ମଚାରୀଙ୍କ ବୋନସ ସରକାର ଦେଇ ନ ଥିଲେ। ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସରକାର ନ ଶୁଣିବାରୁ ମେ ୨୯ରୁ ପ୍ରତ୍ୟେକ ଡିଭିଜନରେ କ୍ରମାଗତଭାବେ ଆନ୍ଦୋଳନ କରାଯାଇଥିଲା। ଫଳରେ ସରକାର ସେମାନଙ୍କ ଦାବି ଶୁଣିଛନ୍ତି। ଓଡ଼ିଶାର ୮ ଲକ୍ଷ ୫୦ ହଜାର ତୋଳାଳି, ୪୨ ହଜାର ବନ୍ଧାଇ ଶ୍ରମିକ, ୧୮ ହଜାର ସାମୟିକ କର୍ମଚାରୀ ବୋନସ ପାଇବେ।

### ପତଞ୍ଜଳି ମହିଳା ଯୋଗ ସମିତିର ବାର୍ଷିକ ଉତ୍ସବ

**ବ୍ରଜରାଜନଗର, ୨୩।୭(ବିଜୟ ବରାଡ):** ବ୍ରଜରାଜନଗର ପୌରାଞ୍ଚଳ ହିଲଟପ କଲୋନୀ ଶିବ ମନ୍ଦିର ପରିସରରେ ପତଞ୍ଜଳି ମହିଳା ଯୋଗ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନିଖେଶ ପ୍ରଧାନ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ବ୍ରଜରାଜନଗର ଯୋଗ ସମିତି ସଦସ୍ୟ ପ୍ରଶାନ୍ତ ସିଂ, ରଞ୍ଜନ ସିଂ, ଅଭୟ ଜାଜୁ, ଅଭିଷେକ ଜାଜୁ ପ୍ରମୁଖ ଯୋଗଦେଇ ଯୋଗ ଓ ପ୍ରାଣାୟାମ କରି ଏହାକୁ ଉପକାରିତା ବିଷୟରେ ସୂଚନା ଦେଇଥିଲେ। ମମତା ପଟେଲ, ସୁଷମା ମହାପାତ୍ର, ବର୍ଷା ସା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ନିର୍ମାଣର ୩ ମାସ ନ ପୂରୁଣୁ ରାସ୍ତା ଫାଟି ଆଁ


ରାସ୍ତାରେ ଫାଟ ସୃଷ୍ଟି ହୋଇଛି।

■ ନିମ୍ନମାନର ରାସ୍ତା କାମ
■ ବିପଦରେ ଲୋକଙ୍କ ଜୀବନ

**କୁତ୍ରା, ୨୩।୭(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସମଲେଇମୁଣ୍ଡାଠାରୁ ତରକେରାକୁ ସଂଯୋଗ କରୁଥିବା ତମ୍ଭନାଲା ବ୍ରିଜକୁ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ନିର୍ମାଣ ହେବାର ୩ ମାସ ନ ପୂରୁଣୁ ରାସ୍ତା ଫାଟି ଆଁ କରିଛି। ଏହି ରାସ୍ତାଟି ଗ୍ରାମ୍ୟ ନିର୍ମାଣ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ପକ୍ଷରୁ ତିଆରି କରାଯାଇଥିଲା। ସରକାର ଲୋକଙ୍କ ଗମନାଗମନର ସୁବିଧା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ତାହା ପ୍ରକୃତ କାର୍ଯ୍ୟରେ ନ ଲାଗି ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ଛୁଆଠାରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ ଯା' ଆସ କରନ୍ତି। ଛୋଟଠାରୁ ଆରମ୍ଭ କରି ବଡ଼ ଗାଡି ଏହି ରାସ୍ତା ଉପରେ ଯାଇଥାଏ। କିନ୍ତୁ ବର୍ତ୍ତମାନ ରାସ୍ତାର ଅବସ୍ଥା ଦେଖି ଲୋକେ ଭୟ କରୁଛନ୍ତି ଏହି ରାସ୍ତା ଦେଇ ଯା' ଆସ କରିବା ପାଇଁ। ରାସ୍ତାର ଉଭୟ କଡ଼ରେ ଦିଆଯାଇଥିବା ମାଟି ମଧ ଧସିବାକୁ ଲାଗିଲାଣି। କୌଣସି ସମୟରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ କିଭଳି ଭାବେ ଟଙ୍କା ଆତ୍ମସାତ କରିଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି। ବିଭାଗୀୟ ଯନ୍ତ୍ରୀ କାମ କିଭଳି ଭାବେ ତଦାରଖ କରିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ନିମ୍ନ ମାନର ରାସ୍ତା ନିର୍ମାଣ କରି ଲୋକଙ୍କ ଜୀବନକୁ ବାଜି ଲଗାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେଇ ଏହାର ତଦାରଖ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଏସ୍‌ଡିଓ ମହେନ୍ଦ୍ର କଲେଟଙ୍କୁ ପଚାରିବାରୁ ନାଲି ଆଖି ଦେଖାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷକ ଓ କର୍ମଚାରୀ।

**ସୁନ୍ଦରଗଡ, ୨୩।୭(ଜୟ ନାରାୟଣ ମେଣ୍ଡୁଲି)**

ରାଜ୍ୟରେ ବିଭିନ୍ନ ବ୍ଲକ ଗ୍ରାଣ୍ଟ ହାଇସ୍କୁଲରେ କାର୍ଯ୍ୟ କରୁଥିବା ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ହେଲେ ସରକାରଙ୍କ ତରଫରୁ ସେମାନଙ୍କୁ କେବଳ ଅବସର ଗ୍ରହଣ ପତ୍ର ବ୍ୟତୀତ ଅନ୍ୟ କୌଣସି ପ୍ରାପ୍ୟ କିମ୍ବା ସୁବିଧା ପ୍ରଦାନ କରାଯାଇ ନାହିଁ। ଅବସର କାଳୀନ ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ଦାବିରେ ସୁନ୍ଦରଗଡ ଜିଲା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ଚାକିରୀରୁ ଅବସରପରେ ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ଓ ଅନ୍ୟାନ୍ୟ ସୁବିଧା ମିଳିନାହିଁ। ଫଳରେ ସେମାନେ ଆର୍ଥିକ ଅନଟନ ମଧ୍ୟରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି। ଏପରିକି ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଓ ବିଜୁ ପକ୍କା ଘର ଯୋଜନାର ସୁବିଧାରୁ ସେମାନେ ବଞ୍ଚିତ ମଧ ହେଉଛନ୍ତି। ତେଣୁ ରାଜ୍ୟ ସରକାର ୧୯୮୧ ନୂତନ ପେନ୍‌ସନ୍ ନିୟମ ଅନୁସାରେ ଏହି ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କୁ ଯଥାଶୀଘ୍ର ପେନ୍‌ସନ୍ ଓ ଅବସର କାଳୀନ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ପାଇଁ ଦାବି କରାଯାଇଛି। ନଚେତ୍ ଆସନ୍ତା ବିଧାନସଭା ଅଧିବେଶନବେଳେ ବିଧାନସଭା ଆଗରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ରର ଏକ ନକଲ ଜିଲା ଶିକ୍ଷା ଅଧିକାରୀ ମଧ ପ୍ରଦାନ କରାଯାଇଛି।

## କଚାରୁରେ ଏଏନ୍ଏମ କେନ୍ଦ୍ର ନିର୍ମାଣକୁ ବିରୋଧ

**ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଜିଲାପରିଷଦ ସଭ୍ୟ**

**କୁଆଁରମୁଣ୍ଡା, ୨୩।୭(ମହେନ୍ଦ୍ର କୁମାର ସାହୁ)**


ଗ୍ରାମବାସୀଙ୍କ ସହ ଜିଲାପରିଷଦ ସଭ୍ୟ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ପ୍ରାୟ ୧୨ କି.ମି ଦୂରରେ ଥିବା କଚାରୁ ପଞ୍ଚାୟତରେ ଏକ ଏଏନ୍ଏମ କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ଅନୁମୋଦନ ପାଇଛି। ଏହା ନିର୍ମାଣ ହେଲେ ପଞ୍ଚାୟତର ଗର୍ଭବତୀ ମହିଳା ଓ ଶିଶୁମାନେ ପ୍ରାଥମିକ ଚିକିତ୍ସା ସୁବିଧା ପାଇପାରିବେ। ହେଲେ ଉକ୍ତ କେନ୍ଦ୍ର ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସରକାରୀ ଜାଗାକୁ ସ୍ଥାନୀୟ କେତେକ ଗ୍ରାମବାସୀ ବିରୋଧ କରୁଛନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏହି ଖବର ପାଇ କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶିବନାରାୟଣ ସାହୁ କଚାରୁରେ ପହଞ୍ଚି ଅସନ୍ତୁଷ୍ଟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଏନ୍ଏମ କେନ୍ଦ୍ର ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳବାସୀ ବିଶେଷଭାବେ ଉପକୃତ ହେବେ ବୋଲି ସେମାନେ କହିଥିଲେ। ଏଥିସହ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ସମସ୍ତେ ସହଯୋଗ କରିବାକୁ କୁଜୁର ନିବେଦନ କରିଛନ୍ତି।

## ଚୋରି ୧୨ ଚକିଆ ହାଇୱା ଜବତ

**ଲହୁଣୀପଡା, ୨୩।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ୍‌ର ଏକ ଢାବା ନିକଟରେ ୧୨ ଚକିଆ ହାଇୱା ଗାଡିକୁ ଗତ ୧୮ ତାରିଖ ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଏନେଇ ହାଇୱା ମାଲିକ ସଞ୍ଜୟ କୁମାର ଦାସ ବଣେଇ ଥାନାରେ ଏବଂ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଉଭୟ ଥାନା ପୋଲିସ ମାମଲା ରୁଜୁ କରିବା ସହିତ ଟ୍ରକକୁ ଜବତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ତନାଘନା ଚଳାଇଥିଲେ। ସୁନାହୁଳି ଗ୍ରାମରେ ଗାଡ଼ି ଛିଡାହୋଇଥିବା ନେଇ ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଟ୍ରକକୁ ଜବତ କରି ଥାନାକୁ ଆଣିଥିଲା। ହେଲେ ଦୁର୍ବୃତ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରି ନାହିଁ। ଏବେ ବି ତନାଘନା ଜାରି ରହିଛି। ସୂଚନାଯୋଗ୍ୟ, ଗତ ୧୮ତାରିଖରେ ଗାଡ଼ି ଚାଳକ ଏକ ଢ଼ାବା ନିକଟରେ ଗାଡ଼ିକୁ ଛିଡା କରି ଖାଇବାକୁ ଯାଇଥିଲେ। ପରେ ଦେଖିଲା ବେଳକୁ ଗାଡ଼ିଟି ସେହି ସ୍ଥାନରେ ନ ଥିଲା। ଚାଳକ ତୁରନ୍ତ ମାଲିକ ସଞ୍ଜୟଙ୍କୁ ଫୋନ୍ ଯୋଗେ ସୂଚନା ଦେବା ପରେ ସେ ଥାନାରେ ଅଭିଯୋଗ କରିଥିଲେ।

## ଅଟୋ ୱାର୍କର୍ସ ସଂଘର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ। (ଫଟୋ: ବିବେକ)

**ରାଉରକେଲା, ୨୩।୭(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଅଟୋ ୱାର୍କର୍ସ ସଂଘର ରାଉରକେଲା ସେକ୍ଟର-୭ କାର୍ଯ୍ୟାଳୟଠାରେ ରବିବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ବୈଦ୍ୟନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗର ଜୁନିୟର ଏମ୍‌ଭିଆଇ ଟି. ସୌରଭ ମୁଖ୍ୟ ଅତିଥି, ଖବରଦାତା ପୀତବାସ ମିଶ୍ର, ଆଇନଜୀବୀ ଗାରିମା ପତି, ଆଦର୍ଶ ଅନୁଷ୍ଠାନର ସଭାପତି ବିଦ୍ୟାଧର ତ୍ରିପାଠୀ, ସଂଘର ସାଧାରଣ ସମ୍ପାଦକ ଭୁବନ ବେହେରା ସମ୍ମାନିତ ଅତିଥି ଭାବେ ପ୍ରମୁଖ ମଞ୍ଚାସୀନ ଥିଲେ। ଖବରଦାତା ବିବେକ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ଯୁଗ୍ମ ସମ୍ପାଦକ ବାସୁଦେବ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସଡ଼କ ସୁରକ୍ଷା ନେଇ ଅତିଥି ଓ ଉପସ୍ଥିତ ଲୋକେ ଶପଥ ପାଠ କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶିଳ୍ପାଞ୍ଚଳ ଘୋଷଣାକୁ ଗ୍ରାମବାସୀଙ୍କ ବିରୋଧ



ପ୍ଲାକାର୍ଡ ଧରି ଗ୍ରାମବାସୀ ବିରୋଧ କରୁଛନ୍ତି।

**ରାଜଗାଙ୍ଗପୁର, ୨୩।୭ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ପାନପୋଷ ତଥା ଅନ୍ୟ କେତୋଟି ରାଜସ୍ୱ ଗ୍ରାମକୁ ନେଇ ଶିଳ୍ପାଞ୍ଚଳ ଘୋଷଣା ପ୍ରସ୍ତାବକୁ ଚୁଙ୍ଗିମାଟି ପଞ୍ଚାୟତ ଗ୍ରାମବାସୀ ଘୋର ବିରୋଧ କରିଛନ୍ତି। ଅତିରିକ୍ତ ସଚିବ ଗୃହ ଓ ନଗର ଉନ୍ନୟନ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୯୮୯୦ ତାରିଖ ୧୬।୫।୨୩ ମୁତାବକ, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ପତ୍ର ସଂଖ୍ୟା ୬୫୫୪, ତା୨୮।୬।୨୩ରିଖରେ ଗ୍ରାମପଞ୍ଚାୟତର ମତାମତ ପ୍ରଦାନ କରିବାକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ଚୁଙ୍ଗିମାଟି ପଞ୍ଚାୟତର ସରପଞ୍ଚ ଜଗଦୀଶ କିଣ୍ଡୋଙ୍କ ସଭାପତିତ୍ୱରେ ଗ୍ରାମସଭା ବସିଥିଲା। ଏଥିରେ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ସ୍ଲୋଗାନ ଦେବାସହ ପ୍ଲାକାର୍ଡ ମାନ ଧରି ଏହି ଶିଳ୍ପାଞ୍ଚଳ ଘୋଷଣା ପ୍ରସ୍ତାବକୁ ଘୋର ବିରୋଧ କରିଥିଲେ।

## ଢାବାରୁ ବିଦେଶୀ ମଦ ଜବତ

**ଲହୁଣୀପଡା, ୨୩।୭(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ରାସ୍ତା କଡରେ ଥିବା ଏକ ଢ଼ାବା ଉପରେ ପୋଲିସ ଚଢ଼ାଉ କରି ପ୍ରାୟ ୧୫ ଲିଟର ବିଦେଶୀ ମଦ ଜବତ କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି। ସୂଚନା ଅନୁସାରେ, ଢାବାରେ ବେନିୟମଭାବେ ମଦ କାରବାର ହେଉଥିବା ଅଭିଯୋଗ ହେଉଥିଲା। ଅଭିଯୋଗକୁ ଭିତ୍ତି କରି ଚାନ୍ଦିପୋଷ ପୋଲିସ ଉକ୍ତ ଢ଼ାବା ଉପରେ ଅତର୍କିତ ଚଢ଼ାଉ କରିବା ସହିତ ପ୍ରାୟ ୧୫ ଲିଟର ବିଦେଶୀ ମଦ ଜବତ କରିଥିଲା।

## ସୁନ୍ଦରଗଡ଼ ଜିଲା କଂଗ୍ରେସରେ ମିଶ୍ରଣ ପର୍ବ


କଂଗ୍ରେସରେ ଯୋଗଦାନ କରିଥିବା ଯୁବ କର୍ମକର୍ତ୍ତା।

**ରାଉରକେଲା, ୨୩।୭(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଲାଠିକଟା ବ୍ଲକ ଟାଙ୍ଗରପାଲିଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଗଜେନ୍ଦ୍ର ତନ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ପ୍ରାର୍ଥୀ ଇଗ୍ନେସ ଓରାମଙ୍କ ନେତୃତ୍ୱରେ ଜାମ୍ପୁ ଓରାମ, କିଶୋର ଏକ୍କା, ବିପ୍ରୋ ଟପ୍ପୋ, ରାଜେଶ ଓରାମ, ସଚିନ ମୁଣ୍ଡା, ସଂଜୟ ଭଗତ, ଜିତେନ ଓରାମଙ୍କ ସମେତ ବହୁ ଯୁବକ କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବାକୁ ମୁଖ୍ୟ ଅତିଥି ଦେହୁରୀ ମତବ୍ୟକ୍ତ କରିଥିଲେ। ରଞ୍ଜିତ ପ୍ରଧାନ, ରାଜୁ ଜୟପୁରିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କ୍ରାନ୍ତି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼, ୨୩।୭(ଜୟନାରାୟଣ ମେଣ୍ଡୁଲି)**



ମଞ୍ଚାସୀନ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

କ୍ରାନ୍ତି ଦିବସକୁ ସଫଳ କରିବା ପାଇଁ ଏଆଇଟିୟୁସିର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସିର ଜିଲା କାର୍ଯ୍ୟକାରୀ ସଭାପତି ମାତିଲଦା କୁଲୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏଆଇଟିୟୁସି ଅନୁବନ୍ଧିତ ସମସ୍ତ ସଙ୍ଗଠିତ, ଅଣସଙ୍ଗଠିତ, ଗଣ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଦେଶ ବିରୋଧୀ, ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ନୀତି, ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ନୀତି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଅହେତୁକ ବୃଦ୍ଧି, ଠିକା ଶ୍ରମିକ ଓ ସ୍କିମ ଶ୍ରମିକଙ୍କୁ ପୂର୍ଣ୍ଣ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ, ଖଣି ଖାଦାନ ଓ ଶିଳ୍ପାନୁଷ୍ଠାନ ଗୁଡିକରୁ ଘରୋଇକରଣର ଉଚ୍ଛେଦ, ବିସ୍ଥାପିତଙ୍କୁ କ୍ଷତିପୂରଣ ସହ ଥଇଥାନ ଓ ନିଯୁକ୍ତି ଦେବାଭଳି ୧୪ଦଫା ଦାବିରେ ଅଗଷ୍ଟ ୯ରେ କେନ୍ଦ୍ରୀୟ ମିଳିତ ଶ୍ରମିକ ସଙ୍ଗଠନର ନିଷ୍ପତ୍ତିକ୍ରମେ ସାରା ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ ଏଆଇଟିୟୁସି ସହିତ ଜିଲାରେ କାର୍ଯ୍ୟରତ ସମସ୍ତ ଶ୍ରମିକ ସଗଠନ ମିଶି ଏହି ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ପାଟିକା ସଂଘର୍ଷ କମଳ ଷଣ୍ଢ, ଆଶା ସଂଘର ପଙ୍କଜିନୀ ମାଝି, ନିର୍ମାଣ ଶ୍ରମିକ ସଂଘର ଗୋଲାପୀ ବନଛୋର, ସିଆରପି ସଂଘର କୃଷ୍ଣ ସଖା, କେନ୍ଦୁପତ୍ର ଶ୍ରମିକ ସଙ୍ଗଠନର ଯଶୋଦା ସା, ପୁଷ୍ପା ସା ଯୋଗଦେଇ କ୍ରାନ୍ତି ଦିବସର ସଫଳତା ଉପରେ ନିଜ ନିଜର ମତ ପ୍ରକାଶ କରିଥିଲେ। ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ପ୍ରଦୋଷ ମହାନ୍ତି, ଏଆଇଟିୟୁସି ନେତା ସନ୍ତୋଷ ଆଚାର୍ଯ୍ୟ ଯୋଗଦେଇ ଆଇନ ଅମାନ୍ୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ମଣିପୁରଠାରେ ୨ ଆଦିବାସୀ ମହିଳାଙ୍କ ପ୍ରତି ହୋଇଥିବା ବର୍ବରୋଚିତ କାଣ୍ଡକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। ସୁରେଖା ନାଗ ଧନ୍ୟବାଦ ଦେଇଥିଲେ।

## ବିଏମ୍ଏସ୍ ସ୍ଥାପନା ଦିବସ ପାଳିତ

**ରାଉରକେଲା, ୨୩।୭(ସଙ୍ଗୀତା ଜେନା)**



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିଗଣ।

ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ରିକ୍ସ) କାର୍ଯ୍ୟାଳୟଠାରେ ବିଏମ୍ଏସ୍‌ର ୬୯ତମ ସ୍ଥାପନା ଦିବସ ରବିବାର ପାଳିତ ହୋଇଯାଇଛି। ସକାଳେ ସଙ୍ଗଠନର ପତାକା ଉତ୍ତୋଳନ ହେବା ସହ ସେକ୍ଟର-୩ ତାରିଣୀ ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଇସ୍ପାତ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେନ୍ଦ୍ର ନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ବିଏମ୍ଏସ୍ କେନ୍ଦ୍ରୀୟ ସହ ସଙ୍ଗଠନ ସମ୍ପାଦକ ଗଣେଶ ମିଶ୍ର ମୁଖ୍ୟ ବକ୍ତା, ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ରିକ୍ସର ସଭାପତି ହିମାଂଶୁ ବଳ ସମ୍ମାନିତ ଅତିଥି, ଜିଲା ସଭାପତି ଅମର ଜଶୱାଲ, ଜିଲା ସମ୍ପାଦକ ସଞ୍ଜୟ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରିକ୍ସ ଉପସଭାପତି ସମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେନ୍ଦ୍ର ନାଥ ମହାନ୍ତ ଅଧ୍ୟକ୍ଷତା ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ମିଶ୍ର ଦୂରଦର୍ଶୀ ଦତ୍ତୋପନ୍ତ ଠେଙ୍ଗେଡ଼ୀଙ୍କ ବଳିଷ୍ଠ ଉଦ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ବଳ ସ୍ୱର୍ଗତ ଠେଙ୍ଗେଡ଼ୀଙ୍କ ଜୀବନୀ ଓ ବିଚାରଧାରାକୁ ଅଧିକରୁ ଅଧିକ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଞ୍ଜୟ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶନିବାର ବିଏମ୍ଏସ୍ ପକ୍ଷରୁ ଆଇଜିଏଚରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

**କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଥାନାରେ ଏତଲା**

ଲୋଇସିଂହା,(ସୁଶାନ୍ତ ବାରିକ): ଅଭିନେତା ମନୋଜ ମିଶ୍ରଙ୍କୁ ଗାଳିଗୁଲଜ ଘଟଣାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ 'କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା' ତରଫରୁ ଜିତୁ ରାଉତ ଓ ଜିତୁ ମଙ୍ଗରାଜଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ପାଇଁ ରବିବାରଏତାଲା ଦିଆଯାଇଛି। ଲୋଇସିଂହା ସଭାପତି ଶିବରାଜ ସାହୁ, ଅନୁଭବ ସାହୁ, ରବୀନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତାମାନେ ଥାନା ଅଧିକାରୀଙ୍କୁ ଭେଟି ତୁରନ୍ତ ସେହି ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଋଣଥିବାରୁ ଚାପରେ ଥିଲେ ବୋଲି ଅଭିଯୋଗ କଲେ ସ୍ତ୍ରୀ**

**ମୁରିବାହାଲ,୨୩।୭(ଶ୍ରୀବସ୍ଛ ବେହେରା):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଲଖନା ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀ ଗ୍ରାମରେ ଶନିବାର ବିଷ ପିଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଋଣ ଥିବାରୁ ଯୁବକ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ବ୍ରାହ୍ମଣୀ ଗ୍ରାମର ବେଣୁଧର ଭୋଇଙ୍କ ପୁତ୍ର ଗଙ୍ଗାରାମ (୪୦)ଙ୍କର ପରିବାର ସମସ୍ତେ ଶନିବାର କପା ଚାଷ କରିବା ପାଇଁ ନିଜ ଜମିକୁ ଯାଇଥିଲେ। ଗଙ୍ଗାରାମ କପା ଚାଷରେ ଦେବା ପାଇଁ ଆଣିଥିବା ବିଷ ପିଇ ଦେଇଥିଲେ। ପରିବାର ଲୋକ ଆସି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁରିବାହାଲ ପୋଲିସ ଖବରପାଇ ମୃତଦେହକୁ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତିନି ଦିନ ତଳେ ଗଙ୍ଗାରାମଙ୍କ ପରିବାର ଆନ୍ଧ୍ରପ୍ରଦେଶରୁ ଦାଦନ ଖଟି ଘରକୁ ଫେରିଥିଲେ। ପୂର୍ବରୁ ନେଇ ଥିବା ଋଣ ଶୁଝି ନ ପାରି ଚାପରେ ଥିବାରୁ ଆତ୍ମହତ୍ୟା କରିଛନ୍ତି ବୋଲି ସ୍ତ୍ରୀ ତୁଳସୀ କହିଛନ୍ତି। ମୃତ ଯୁବକଙ୍କ ୨ସାନ ପୁଅ ଥିବାବେଳେ ବର୍ତ୍ତମାନ ବେସାହାରା ହୋଇଛନ୍ତି।

### ବାପା ନିଖୋଜ ନେଇ ଅଭିଯୋଗ କଲେ ପୁଅ

**ମୁରିବାହାଲ,୨୩।୭(ଶ୍ରୀବସ୍ଛ ବେହେରା):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧିନସ୍ଥ ଲେବେ ଗ୍ରାମ ପଞ୍ଚାୟତ, ଟୋଟୋପଡା ଗ୍ରାମର ଜଣେ ବ୍ୟକ୍ତି ନିଖୋଜ ହୋଇଥିବାର ରବିବାର ମୁରିବାହାଲ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉକ୍ତ ଟୋଟୋପଡା ଗ୍ରାମର ଗଙ୍ଗାରାମ ସାହୁ (୫୬) ବାହାର ରାଜ୍ୟରେ କାମକରି ଘରକୁ ଆସିଥିଲେ। କୌଣସି କାରଣରୁ ନିଜର ସ୍ତ୍ରୀ ସହ ବଚସା ହେବା ଯୋଗୁ ଗତ ୧୯ ତାରିଖରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି ବୋଲି ତାଙ୍କର ପୁତ୍ର ନରେଶ ସାହୁ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଅନେକ ସ୍ଥାନରେ ଖୋଜାଖୋଜି କଲା ପରେ ମଧ କୌଣସି ଖବର ନ ମିଳିବାରୁ ପରିବାର ଲୋକେ ଦୁଃଖରେ ଅଛନ୍ତି।

### ଧଣ୍ଡାମୁଣ୍ଡାରେ ସେବାକେନ୍ଦ୍ର ଉଦ୍‌ଘାଟିତ

**ଖପ୍ରାଖୋଲ,୨୩।୭(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ କରି ନିର୍ମାଣ ହୋଇଥିବା ସେବାକେନ୍ଦ୍ର ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅଧକ୍ଷା ନିରୁପମା ପଟେଲ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରମେଶ ପ୍ରଧାନ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ସମେତ ପଞ୍ଚାୟତର ୱାର୍ଡ ମେମ୍ବର, ଏମବିକେ କର୍ମୀ ତଥା ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ



ସ୍ୱର୍ଗତା ବସନ୍ତ କୁମାରୀ ମିଶ୍ରଙ୍କ ଫାଇଲ ଫଟୋ।

**ବଲାଙ୍ଗୀର, ୨୩।୭ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଠିକାଦାରପଡା ନିବାସୀ ସ୍ୱର୍ଗତ ହରିହର ମିଶ୍ରଙ୍କ ସ୍ତ୍ରୀ ବସନ୍ତ କୁମାରୀ ମିଶ୍ର (୮୩)ଙ୍କ ରବିବାର ପ୍ରାୟ ୧୨ଟାରେ ପରଲୋକ ହୋଇଥିଲା। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ହେବ ଘରେ ଚିକିତ୍ସାଧିନ ଅବସ୍ଥାରେ ଥିଲେ। ଜଣେ ଧର୍ମପ୍ରାଣା, ମେଳାପୀ ଏବଂ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କର ତିନିପୁଅ କ୍ରିକେଟ କୋଚ୍ ସୂର୍ଯ୍ୟନାରାୟଣ ମିଶ୍ର, ରାମଚନ୍ଦ୍ର ମିଶ୍ର, ରାଜକୃଷ୍ଣ ମିଶ୍ର, ବୋହୂ ଜୟନ୍ତୀପ୍ରଭା, ସୁନୀତା, ଝିଅ ବୀଣାପାଣି ମିଶ୍ର, ଜ୍ୱାଇଁ ଦେବେନ୍ଦ୍ର ମିଶ୍ର, ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ବିଭୂତିପଡା ଶ୍ମଶାନରେ ତାଙ୍କ ଦାହସଂସ୍କାର ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ସୂର୍ଯ୍ୟ ନାରାୟଣ ମିଶ୍ର ମୁଖାଗ୍ନି ଦେଇଛନ୍ତି।

# ଟିଟିଲାଗଡ଼ ଜିଲା ଦାବି ତେଜୁଛି

**ଟିଟିଲାଗଡ଼,୨୩।୭(ଶରତ ମିଶ୍ର)**

**କ୍ରିୟାନୁଷ୍ଠାନ କମିଟି ବୈଠକରେ ଆନ୍ଦୋଳନ ଚେତାବନୀ**

ଟିଟିଲାଗଡ଼ ଜିଲା ଦାବି ଅଞ୍ଚଳବାସୀଙ୍କ ପାଇଁ ବର୍ତ୍ତମାନ ସ୍ୱାଭିମାନର ପ୍ରଶ୍ନ ହୋଇଛି। ଦୀର୍ଘ ୩୧ ବର୍ଷ ହେଲା ଏନେଇ ସଂଗ୍ରାମ ଜାରି ରହିଛି। ଏହାକୁ ନେଇ ରବିବାର ଟିଟିଲାଗଡ ବାର ସଂଘ ସଭାପତି ତଥା ଜିଲା କ୍ରିୟାନୁଷ୍ଠାନ କମିଟିର ଆବାହକ କୃଷ୍ଣଚନ୍ଦ୍ର ସାହୁ, ବାର ସଂଘ ସମ୍ପାଦକ ତଥା ଯୁଗ୍ମ ଆବାହକ ମହେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବାର ସଭା ଗୃହରେ ଅନୁଷ୍ଠିତ ସଭାରେ ଆଗାମୀ କାର୍ଯ୍ୟପନ୍ଥା ନେଇ ଘମାଘୋଟ ଆଲୋଚନା ହୋଇଥିଲା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜ୍ୟ ସରକାର ଟିଟିଲାଗଡ ଜିଲା ଦାବି ନେଇ କୌଣସି ଘୋଷଣା କରି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବହୁ ପୂର୍ବରୁ ପଦ୍ମପୁରକୁ ଜିଲା ମାନ୍ୟତା ଦେବା ପାଇଁ ଖୋଦ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି। ହେଲେ ଟିଟିଲାଗଡ ପ୍ରତି ଅଣଦେଖା ହୋଇଛି। ସଭାରେ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ ଜିଲା ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ।



ବାର ସଭା ଗୃହରେ ଅନୁଷ୍ଠିତ ସଭାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ଟିଟିଲାଗଡ ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡଯୁଆଡ ଆଉ ଥରେ ଠକାମୀକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଜିଲା ଆନ୍ଦୋଳନକୁ ତେଜିୟାନ କରିଥିବା ଟିଟିଲାଗଡ ବିକାଶ ସେନା ସଭାପତି ଇଂ ଅମ୍ଳାନ ଷଡଙ୍ଗୀ ଜିଲା ପାଇଁ ସଂଘର୍ଷ ଜୋରଦାର ହେବ ବୋଲି ସତର୍କବାଣୀ ଶୁଣାଇଥିଲେ। ଜିଲା ସାମ୍ବାଦିକ ସଂଘ ସଭାପତି ଶିବପ୍ରସାଦ ପରିଡା, ସମାଜସେବୀ ରାଜୁ ମିଶ୍ର, ସାଂସଦ ପ୍ରତିନିଧି ଆଲୋକ ନାୟକ ମତବ୍ୟକ୍ତ କରିଥିଲେ। ବିକାଶ ପାଇଁ କ୍ଷମତାର ବିକେନ୍ଦ୍ରୀକରଣ ଦାବିକୁ ସରକାର ଅନାଦର କରିବା ଗଣତନ୍ତ୍ରର ପରିପନ୍ଥୀ ବୋଲି ନଗର ଭାଜପା ସଭାପତି ପ୍ରଶାନ୍ତ ଷଡଙ୍ଗୀ ନିରାଶା ପ୍ରକଟ କରିଥିଲେ। ଟିଟିଲାଗଡ ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ସିନ୍ଧେକେଲା ବ୍ୟବସାୟୀ ସଂଘ ସଭାପତି ସୁଭାଷ ଜୈନ ଜିଲା ପାଇଁ ବ୍ୟବସାୟୀ ଯେ କୌଣସି ବଳିଦାନ ପାଇଁ ପ୍ରସ୍ତୁତ ବୋଲି କହିଥିଲେ। ମୁରିବାହାଲ ବାର ସଂଘ ସଭାପତି ଜିଲା ପାଇଁ ସଂଘର୍ଷ ଜୋରଦାର କରାଯିବ ବୋଲି କହିଥିଲେ। ଗଣତାନ୍ତ୍ରିକ ଉପାୟରେ ଜିଲା ଦାବି ନେଇ ଆମ ଦଳ ସର୍ବଦା ସହଯୋଗ କରିବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର କହିଥିଲେ। ଜିଲା ହେଲେ ହିଁ ଏହି ଅଞ୍ଚଳର ବିକାଶ ହେବ ବୋଲି ଚାଷୀ ନେତା ବାଲକୃଷ୍ଣ ଷାଣ୍ଢେ କହିଥିଲେ। ପୌରାଧକ୍ଷା ମମତା ଜୈନ, ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ବରିଷ୍ଠ ଜିଲା ସଂଗ୍ରାମୀ ପ୍ରମୋଦ ପ୍ରଧାନ, ବରିଷ୍ଠ ଆଇନଜୀବୀ କାଳିପ୍ରସାଦ ମୁଖାର୍ଜି, ସୁଧିର ମିଶ୍ର, ନିହାର ବାବୁ, ଟିକେଲାଲ ବେହେରା, କୃଷ୍ଣଚନ୍ଦ୍ର ସରାଫ, ଆଶିଷ ସାହୁ, ଦେବାନନ୍ଦ ସାହୁ, ପ୍ରମୋଦ ସରାଫ, ବିରେଜଡି ନଗର ସଭାପତି ରଣଜିତ ପୃଷ୍ଟି, ସନ୍ତୋଷ ମହାନ୍ତି, ସଞ୍ଜିବ ପାଢୀ, ବୁଦ୍ଧିଆ ଆଚାର୍ଯ୍ୟ, ସୁଧିର ଘଡେଇ, ବିଜୟ ମେହେର, ସୁରେଶ ଭୋଇ, ସୁରଜ ବେହେରା, ନୀଳକଣ୍ଠ ସରାଫ, ସୁନ୍ନି ମଜିଦ କମିଟି ସଭାପତି ତୌଫିକ ଖାନ, ସମ୍ପାଦକ ଶେଖ ପୁରୁ, ଟୁକୁ ଠାକୁର, ବନମାଳି ବେହେରା, ନାରୀନେତ୍ରୀ ଅଞ୍ଜଳି ବେହେରା, ରୀମା ବାନୁଆ, ଅଶୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ସଂଘ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା, ୨୩।୭:(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଲୋଇସିଂହା ଶାଖା ତରଫରୁ ଜିଲା ସଭାପତି ସତ୍ୟନାରାୟଣ ଭୋଇଙ୍କୁ ରବିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାରେ ବ୍ଲକ ସଭାପତି କାହ୍ନୁଚରଣ ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଭାପତି ଭୋଇ ମୁଖ୍ୟ ଅତିଥି, ଭୁବନ ନାଏକ, ସୁକୁମାରୀ ଧରୁଆ, ଯଥା ବିଶ୍ୱାଳ, ଟେଭାଡୁଙ୍ଗରୀ ଗଉନ୍ତିଆ, ଅଭିମନ୍ୟୁ ଭୋଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଆଦିବାସୀ ଯୋଗଦେଇଥିଲେ । ଲୋଇସିଂହା ବ୍ଲକ ତଥା ଅଞ୍ଚଳବାସୀଙ୍କ ତରଫରୁ ନବ ନିଯୁକ୍ତ ଭୋଇଙ୍କୁ ଉତ୍ତରୀୟ ଓ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଦିବାସୀଙ୍କ ହକ, ଅଧିକାର ତଥା ଭାବାବେଗକୁ ନେଇ ସାଲିସବିହୀନ ଲଢେଇ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ସଭାପତି ଭୋଇଙ୍କୁ ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷେ ବଲାଙ୍ଗୀର ଟାଉନ ହଲରେ ଅନ୍ୟତମ ଜିଲା ସଭାପତି ଭୋଇଙ୍କୁ ଜିଲାବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସଭାପତିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଟଣାଓଟାରକୁ ଜିଲାରେ ଆଲୋଚନାର ବିଷୟ ହୋଇଛି।

# ଜିଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ



ଜିଲା ଆଦିବାସୀ କଲ୍ୟାଣ ସଂଘ ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ଅତିଥି।

**ବଲାଙ୍ଗୀର,୨୩।୭(ବୀରେନ୍ଦ୍ର କୁମାର ଝାଙ୍କର)**

**ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦକୁ ସ୍ୱାଗତ**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଟାଉନହଲଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ସଂଘ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ସରକାର ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦକୁ ସ୍ୱାଗତ କରାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲାକୁ ସାମିଲ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଏକ ବିଶାଳ ଆଦିବାସୀ ସମାବେଶ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜମି, ଜଳ, ଜଙ୍ଗଲ, ଜୀବନ ଜୀବିକାର ବିକାଶ ହେବା ସହ ଆଦିବାସୀ ସଂସ୍କୃତି ନୃତ୍ୟ, ଗୀତ, ବାଦ୍ୟ, ସଙ୍ଗୀତ, ଐତିହ୍ୟ, ପୂଜାପୀଠ ସ୍ଥଳୀ ଗୁଡିକର ସୁରକ୍ଷା, ସଂରକ୍ଷଣ ପୁନରୁଦ୍ଧାର ହେବ ବୋଲି କୁହାଯାଇଛି। ଭାରତୀୟ ଆଇନ ଆୟୁକ୍ତ ଜରିଆରେ କେନ୍ଦ୍ର ସରକାର ସମାନ ନାଗରିକ ସଂହିତାକୁ ଲାଗୁ କରିବା ପାଇଁ ଷଡଯନ୍ତ୍ର କରୁଥିବା ଅଭିଯୋଗ କରି ଏହାକୁ ନିନ୍ଦା କରାଯାଇଥିଲା। ମଣିପୁରରେ ଆଦିବାସୀ ମହିଳାମାନଙ୍କ ପ୍ରତି କରାଯାଇଥିବା ବର୍ବର ଆକ୍ରମଣକୁ ନିନ୍ଦା କରାଯିବା ସହ ଦୋଷୀମାନଙ୍କୁ ଫାଶୀ ଦେବା ଦାବିରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସଂଘର କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ଉନ୍ନୟନ (ଆଦିବାସୀ) ପରିଷଦର କାର୍ଯ୍ୟର ଠିକ ପରିଚାଳନା ପାଇଁ ସଂଘ କାର୍ଯ୍ୟକର୍ତ୍ତା ପରିବର୍ଦ୍ଧନ କରାଯାଇଥିଲା। ସଂଘ ପରିବର୍ଦ୍ଧିତ ପରିଚାଳନା କମିଟି, କାର୍ଯ୍ୟକାରିଣୀ କମିଟି ଓ କର୍ମକର୍ତ୍ତା ଭାବରେ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, ମହାସଚିବ ନିରଞ୍ଜନ ବିଶି, କାର୍ଯ୍ୟକାରୀ ସଭାପତି ବନଲତା ମାଝି, ଉପସଭାପତି ବିଶିକେଶନ ଜାନୀ, ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, କୋଷାଧକ୍ଷ ପ୍ରଫୁଲ୍ଲ ତୁମୁନିଆ, ସଙ୍ଗଠକ ଥବୀର ପୂଝାରୀ, ସହସମ୍ପାଦକ ମଧୁ ବିଶ୍ୱାଳ, ବିଭିନ୍ନ ବ୍ଲକ ଏବଂ ଏନ୍‌ଏସି ସଭାପତିଙ୍କୁ ମନୋନୀତ କରାଯାଇଥିବା ଜଣାପଡିଛି। ଆଜିର ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ, ବନଲତା ମାଝି, ବିଶିକେଶନ ମାଝି, ହେମେନ୍ଦ୍ର ନାଥ ହାଁସଦା, ପ୍ରଫୁଲ୍ଲ ତୁମନିଆ, ବଳଦେବ ଭୋଇ, ପଦ୍ମନ ପ୍ରଧାନୀ, ସୁଦାମ ଚରଣ ଭୋଇ, ନିମାଇଁ ଝାଙ୍କର, ସନ୍ତୋଷ ପୁଟା, ରାଜୀବ କୁଅଁର, ଦଶରଥ ଛତ୍ରିଆ, ଚଉବନ ମାଝି, ରସିକ ଧରୁଆ, ଚନ୍ଦ୍ର ବରିହା, ଦିବାକର ଭୋଇ, ମନୋରଞ୍ଜନ ଭୋଇ, ସମ୍ପତ୍ତି ମାଝି, ନିତ୍ୟାନନ୍ଦ ମାଝି, ମଧୁ ବିଶ୍ୱାଳ, ଟୁମନ ମାଝି, ପାଲା ଭୋଇ, ଅଚ୍ୟୁତ ଧରୁଆ, ସୁରଥ ଧରୁଆ, ଭୁବନେଶ୍ୱର ଧରୁଆ, ଧରମ ସିଂ ଧରୁଆ, ଗୋପାଳ ପ୍ରଧାନ, ନରୋତ୍ତମ ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରେଜିଷ୍ଟ୍ରିଭୁକ୍ତ ଡକ୍ୟୁମେଣ୍ଟାରି ଏଜେନ୍ସି ଉପେକ୍ଷିତ

**ଭବାନୀପାଟଣା,୨୩।୭ (ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ**

- ଡକ୍ୟୁମେଣ୍ଟାରି ନିର୍ମାଣ ପାଇଁ ବିଜ୍ଞାପନ କାହା ସ୍ୱାର୍ଥରେ
- ୫ ବର୍ଷ ହେଲା ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଡକୁମେଣ୍ଟାରି ପ୍ରସ୍ତୁତ ନିମନ୍ତେ ଆଦେଶ

କଳାହାଣ୍ଡି ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ଖରିଫ ଓ ରବି ଋତୁ ନିମନ୍ତେ ଡକ୍ୟୁମେଣ୍ଟାରୀ ନିର୍ମାଣ ନିମନ୍ତେ ଆଗ୍ରହୀ ଏଜେନ୍ସିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଏଥିନିମନ୍ତେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୭୫୯୨/କୃଷି ତା.୧୭।୭।୨୦୨୩ରେ ଜିଲାର ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ ସହକାରୀ କୃଷି ଅଧିକାରୀଙ୍କୁ ନିଜ କାର୍ଯ୍ୟ କ୍ଷେତ୍ରର ଉଭୟ ଖରିଫ ଓ ରବି ଫସଲ ନିମନ୍ତେ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତକାରୀ ଏଜେନ୍ସିଙ୍କଠାରୁ ଦରଖାସ୍ତ ଆହ୍ୱାନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଆବେଦନ କରିବାକୁ ଇଚ୍ଛୁକ ଏଜେନ୍ସିମାନଙ୍କର ରେଜିଷ୍ଟ୍ରେସନ ସାର୍ଟିଫିକେଟ, ପାନ କାର୍ଡ, ବୈଧ ଜିଏସଟି ସାର୍ଟିଫିକେଟ, ୨୦୨୦-୨୧ ରୁ ୨୦୨୨-୨୩ ତିନି ବର୍ଷର ଆୟକର ରିଟର୍ଣ୍ଣ ଦାଖଲ ସାର୍ଟିଫିକେଟ, ଶେଷ ତିନି ବର୍ଷର ଏଜେନ୍ସିର ବାର୍ଷିକ ଆୟବ୍ୟୟର ଅଡିଟେଡ଼ ବାଲାନ୍ସ ସିଟ, ଏଜେନ୍ସି ବିଗତ ତିନି ବର୍ଷରେ ସରକାରୀ ସଂସ୍ଥାର କୃଷି ଓ କୃଷି ସମ୍ପର୍କିତ କାର୍ଯ୍ୟକ୍ରମର ଡକ୍ୟୁମେଣ୍ଟାରୀ କରିଥିବା ବିବରଣୀ ଓ ସରକାରୀ ବିଭାଗୀୟ ଅଦେଶର ନକଲ, ଆବେଦନକାରୀ ଏଜେନ୍ସି କଳାହାଣ୍ଡି ଜିଲାରେ ବିଗତ ତିନିବର୍ଷ ଧରି ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିବା ଅନିବାର୍ଯ୍ୟ ଯୋଗ୍ୟତା ହୋଇଥିବା ଏହି ପତ୍ରରେ ଉଲ୍ଲେଖ ରହିଛି। ତେବେ ଅନୁସନ୍ଧାନରୁ ଜଣାଯାଏ ଯେ, କଳାହାଣ୍ଡି ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ଉଭୟ ଖରିଫ ଓ ରବି ଋତୁର ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିବା ପାଇଁ ବର୍ଷକୁ ହାରାହାରି ୫ ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। କଳାହାଣ୍ଡି ଜିଲାରେ ଅନେକ ରେଜିଷ୍ଟ୍ରିଭୁକ୍ତ ଡକ୍ୟୁମେଣ୍ଟାରୀ ଏଜେନ୍ସି ଥିବା ସତ୍ତ୍ୱେ ଜିଲାର ଏଜେନ୍ସିମାନଙ୍କୁ ଉପେକ୍ଷା କରି କ୍ରମାଗତ ଭାବେ ଗତ ୫ ବର୍ଷ ହେଲା ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ ନିମନ୍ତେ ଆଦେଶ ଦିଆଯାଇଛି। ଚଳିତବର୍ଷ ପାଇଁ ଆବେଦନକାରୀ ଏଜେନ୍ସିଙ୍କ କଳାହାଣ୍ଡିରେ ବିଗତ ତିନିବର୍ଷ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିବା ବାଧ୍ୟତାମୂଳକ ଯୋଗ୍ୟତା କରାଯାଇଛି। ଯଦି ଭୁବନେଶ୍ୱରର ଗୋଟିଏ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଗତ ୫ ବର୍ଷ କ୍ରମାଗତ ଭାବେ କଳାହାଣ୍ଡି କୃଷି ବିଭାଗ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ ନିମନ୍ତେ ଅର୍ଡର ପାଇ କାମ କରିଛି ତେବେ ଅନ୍ୟ ଏଜେନ୍ସି ବିଗତ ତିନିବର୍ଷ କଳାହାଣ୍ଡିରେ କୃଷି ଓ କୃଷି ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିବା ସାର୍ଟିଫିକେଟ ପାଇବ କୋଉଠୁ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଅଭିସନ୍ଧି ରଖି କେବଳ ସେହି ଭୁବନେଶ୍ୱରର ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଏହି ବର୍ଷ ମଧ କାମ ଦେବା ଉଦ୍ଦେଶ୍ୟରେ ସେହି ଏଜେନ୍ସିକୁ ସୁହେଇଲା ଭଳି ଦରଖାସ୍ତ ଆହ୍ୱାନ କରାଯାଇଛି ବୋଲି କଳାହାଣ୍ଡି ଜିଲାର ରେଜିଷ୍ଟ୍ରିଭୁକ୍ତ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତକାରୀ ଏଜେନ୍ସିମାନେ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ ନିମନ୍ତେ ଦରଖାସ୍ତ ଆହ୍ୱାନପତ୍ର କୃଷି ବିଭାଗର ବିଶ୍ୱାସନିୟତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିବା ସହ ଏଥିରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି। ଯଦି କଳାହାଣ୍ଡିରେ ଉପଯୁକ୍ତ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତକାରୀ ଏଜେନ୍ସି ଅଛନ୍ତି, ସେମାନଙ୍କୁ କାହିଁକି କୃଷି ବିଭାଗ ଉପେକ୍ଷା କରୁଛି। ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଗତ ପାଞ୍ଚ ବର୍ଷ ହେଲା ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ ନିମନ୍ତେ କାର୍ଯ୍ୟାଦେଶ ଦେବା ଓ ଚଳିତବର୍ଷ ସେହି ନିର୍ଦ୍ଦିଷ୍ଟ ସଂସ୍ଥାକୁ ହିଁ ସୁହେଇଲା ଭଳି ବିଜ୍ଞାପନ ଦେବାର ରହସ୍ୟ କଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କୃଷି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରି ରହସ୍ୟ ଉନ୍ମୋଚନ କରିବାକୁ ସାଧାରଣରେ ଦାବି ହେଉଛି। ଜିଲା କୃଷି କାର୍ଯ୍ୟାଳୟକୁ ଲାଗି ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ର ରହିଛି। ଦୂରଦର୍ଶନ କେନ୍ଦ୍ରକୁ କାହିଁକି ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କାର୍ଯ୍ୟ ଦିଆଯାଉନାହିଁ। ଦୂରଦର୍ଶନ କେନ୍ଦ୍ରକୁ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିବା ପାଇଁ ନିୟୋଜିତ କରାଗଲେ ଦୂରଦର୍ଶନ ଏହା ପ୍ରସ୍ତୁତ କରି ପ୍ରସାରଣ ମଧ କରନ୍ତା। ଯାହା ଦ୍ୱାରା କଳାହାଣ୍ଡି ଜିଲାର କୃଷକମାନେ ମଧ କୃଷି ସମ୍ବନ୍ଧୀୟ ସୂଚନା ପାଇ ପାରନ୍ତେ ବୋଲି କୃଷକ ନେତାମାନେ ମତ ଦେବା ସହ ରାଜ୍ୟ କୃଷି ବିଭାଗ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ବିଗତ ୫ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଡକ୍ୟୁମେଣ୍ଟାରୀ ନିର୍ମାଣ ପାଇଁ ଦିଆଯାଇଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ରହସ୍ୟ ଉନ୍ମୋଚନ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ସେଠୀଙ୍କୁ ପଚାରିବାରୁ ମୁଁ ନୂଆ କି ଆସିଛି। ଆଗରୁ କଣ ହେଉଥିଲା ଜାଣିନି ବୋଲି କହିଥିଲେ। ଏବେ ସରକାରଙ୍କ ନିୟମାନୁଯାୟୀ ବିଜ୍ଞାପନ ବାହାର କରାଯାଇଛି ବୋଲି କହିଥିଲେ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବଳଦ ମୃତ, ଚାଷ କରିବା ନେଇ ଚାଷୀ ଚିନ୍ତିତ

**ଲାଠୋର,୨୩।୭ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖଇରାପଡ଼ାର ରାମ ଭୋଇଙ୍କ ଏକ ବଳଦ ରବିବାର ସକାଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ ହୋଇଥିବା ଜଣାପଡିଛି। ବଳଦର ହାରାହାରି ମୂଲ୍ୟ ୨୦ ହଜାର ଟଙ୍କା ହେବ। ରାମ ଲୋକଙ୍କ ଠାରୁ ୩ ଏକର ଜମି ଭାଗରେ ଆଣି ତାକୁ ଚାଷ କରି ୬ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିଲେ। ଗୋଟେ ବଳଦ ମୃତ ହୋଇଥିବା ହେତୁ ଆଉ ଗୋଟେ ବଳଦରେ ସେ କେମିତି ହଳକରି ଚାଷ କରିବେ ସେ ଚିନ୍ତାରେ ରହିଛନ୍ତି। ରବିବାର ସକାଳେ ଦୁଇ ଗୋଟି ବଳଦକୁ ନିଜେ ରାମ ଚରେଇବା ପାଇଁ ନିକଟସ୍ଥ ଏକ ଧାନ ମିଲ ପରିସରକୁ ନେଇଥିଲେ। ମିଲ ନିକଟ ଏକ ବିଦ୍ୟୁତ୍ ଖୁଣ୍ଟକୁ କେହି ଦୁର୍ବୃତ୍ତ କାଟି ଚୋରି କରି ନେଇଯାଇଥିବା ଯୋଗୁ ତାର ଛିଣ୍ଡି କରେଣ୍ଟ ଥିବା ଅନ୍ୟ ଏକ ତାରରେ ଲାଗି ରହିଥିଲା। ଫଳରେ ବଳଦ ସେହି ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ହେତୁ ଘଟଣାସ୍ଥଳରେ ଟଳି ପଡ଼ିଥିଲା। ସଙ୍ଗେ ସଙ୍ଗେ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଖବର ଦେବା ସହ ଥାନାରେ ଲିଖିତ ଅଭିଯୋଗ କରିଥିବା ମାଲିକ କହିଛନ୍ତି। ବିଦ୍ୟୁତ୍ ଯୋଗାଣ ସଂସ୍ଥାର ଅବହେଳା ହେତୁ ଏପରି ଘଟଣା ଘଟିଛି ବୋଲି ଅଭିଯୋଗ ହେଉଛି। ତେବେ ସଂସ୍ଥା ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବା ସହ ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନମାନଙ୍କୁ ଧ୍ୟାନ ଦେବା ପାଇଁ ଦାବି ହେଉଛି।

# ୧୦ ଗ୍ରାମ୍ୟ ଜଙ୍ଗଲ କମିଟିର ମହିଳା ଗୋଷ୍ଠୀ ହେବେ ସ୍ୱାବଲମ୍ବୀ

**କଣ୍ଟାବାଞ୍ଜି,୨୩।୭(ଗୁରୁଦୟାଲ ହଂସ)**

**ଆମ ଜଙ୍ଗଲ ଯୋଜନାରେ ୮ଟି ଖଳିଦନା ମେଶିନ, ୫ଟି ବିରିବଟା ମେଶିନ, ୪୨ଟି ସିଲେଇ ମେଶିନ ଦିଆଯିବ**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଫରେଷ୍ଟ ରେଞ୍ଜ ଅଧିନସ୍ଥ ୧୦ଟି ଗ୍ରାମ୍ୟ ଜଙ୍ଗଲ କମିଟିର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀକୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା ପାଇଁ ଆମ ଜଙ୍ଗଲ ଯୋଜନାରେ ବିଭିନ୍ନ ଉପକରଣ ଦିଆଯିବ। ଯାହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ୟବହାର କରି ରୋଜଗାରକ୍ଷମ ହୋଇ ସ୍ୱାବଲମ୍ବୀ ହୋଇପାରିବେ। ମିଳିଥିବା ସୂଚନା ଅନୁସାରେ ବଙ୍ଗୋମୁଣ୍ଡା ପରେଷ୍ଟ ରେଞ୍ଜ ତୁରେକେଲା ଥାନା ଅଧିନସ୍ଥ କନ୍ଦେଇ, ପଣ୍ଡରେନ, ଜାମକି, ମୁରିବାହାଲ, ସାନବାଙ୍କି ଅଞ୍ଚଳ ମାଓବାଦୀ ପ୍ରବଣ ହୋଇଥିବାବେଳେ ଘୋର ଜଙ୍ଗଲରେ ପରିପୂର୍ଣ୍ଣ। ଏହି ଅଞ୍ଚଳର ଲୋକେ ଚାରି ଦଶନ୍ଧି ହେଲା କାମଧନ୍ଦା ନ ପାଇ ପ୍ରତ୍ୟେକ ବର୍ଷ ଇଟା ଗଢିବା ପାଇଁ ଦାଦନ ସାଜନ୍ତି। ତୁରେକେଲା ବ୍ଲକର ଏହି ଗ୍ରାମଗୁଡିକ ଅଣଜଳସେଚିତ ଓ କଳକାରଖାନା ବିହୀନ ଅଞ୍ଚଳ ହୋଇଥିବାବେଳେ ଜମି ଚାଷବାସ କରିବା ମଧ ସୁବିଧାଜନକ ନୁହେଁ। ତେଣୁ ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ରୋଜଗାର ପାଇଁ ଯାଆନ୍ତି। ସେହିପରି ବଙ୍ଗୋମୁଣ୍ଡା ଥାନା ଅଧିନସ୍ଥ ଡେଙ୍ଗପଦର, ବାଗବାହାଲ, ସିନ୍ଧିମୁଣ୍ଡା, ଭଟାସର, ସୁକୁନାଭଟା ଅଞ୍ଚଳ ମଧ ଠିକ୍ ସେହି ଅନୁରୂପ। ଏହି ଗ୍ରାମର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଗୁଡିକୁ ଗ୍ରାମ୍ୟ ଜଙ୍ଗଲ କମିଟି ଜରିଆରେ ଚଳିତ ୨୦୨୩-୨୪ ଆମ ଜଙ୍ଗଲ ଯୋଜନାରେ ୮ଟି ଖଳିଦନା ମେଶିନ, ୫ଟି ବିରିବଟା ମେଶିନ, ୪୨ଟି ସିଲେଇ ମେଶିନ ଓ ୬୬ଟି ଚୌକି ଦିଆଯିବ। ଏହା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଖଳିଦନା, ବିରିବଟା ମେଶିନ, ସିଲେଇ ମେଶିନର ବ୍ୟବହାର କରି ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବଙ୍ଗୋମୁଣ୍ଡା ରେଞ୍ଜ ଅଫିସର ଜନାର୍ଦ୍ଦନ ଠାକୁର କହିଛନ୍ତି।

# ବନ୍ଧପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଉ

**ମୁରିବାହାଲ, ୨୩।୭(ଶ୍ରୀବସ୍ଛ ବେହେରା)**



ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ଉପସ୍ଥିତ ବନ୍ଧପଡାର ଜନସାଧାରଣ।

**ରାଜସ୍ୱ ଗ୍ରାମ ମାନ୍ୟତା ନେଇ ବୈଠକ**

- ଦାବି ପୂରଣ ନେଇ ସଂଘର୍ଷ ଜାରି ରହିବ

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡ଼ା ଗ୍ରାମ ପଞ୍ଚାୟତର ଟୋଟୋପଡା ଗ୍ରାମର ପାଲି ଗ୍ରାମ ବନ୍ଧପଡାକୁ ନୂତନ ଭାବରେ ରାଜସ୍ୱ ଗ୍ରାମ ମାନ୍ୟତା ଦେବାକୁ ଦାବି ତେଜୁଛି। ଏହି ଉଦ୍ଦେଶ୍ୟରେ ଏକ ବୈଠକ ରବିବାର ଗ୍ରାମ ପ୍ରହରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ସମସ୍ତ ଜନସାଧାରଣ ଉପସ୍ଥିତ ରହି ରାଜସ୍ୱ ଗ୍ରାମର ମାନ୍ୟତା ନ ମିଳିଲା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ ବୋଲି ଜଣାଇଛନ୍ତି।

ଏହି ପରିପେକ୍ଷୀରେ ଗ୍ରାମର ସମସ୍ତ ଜନସାଧାରଣଙ୍କୁ ନେଇ ଗ୍ରାମ ମୁଖିଆ ଧନଞ୍ଜୟ ବାଗଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ବୈଠକରେ ସାଂସଦଙ୍କର ମୁରିବାହାଲ ବ୍ଲକ ପ୍ରତିନିଧି ଶ୍ରୀବସ୍ଛ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ସରକାରଙ୍କ ନିୟମ ସହ ବିଭିନ୍ନ ଯୋଗ୍ୟତା ଉପରେ ମତବ୍ୟକ୍ତ କରିଥିଲେ। ଲେବଡ଼ା ସରପଞ୍ଚ ଦମୟନ୍ତୀ ହାତୀ, ସାମାଜିକ କର୍ମୀ ନବକିଶୋର ହାତୀ, ବିଷ୍ଣୁ ବେହେରା, ଫକୀର ଲୁହା, ତହସିଲ ନାଗ ପ୍ରମୁଖ ଉପସ୍ଥିତ ରହି ବନ୍ଧପଡା ଗ୍ରାମ ସରକାରଙ୍କ ନିୟମ ଅନୁସାରେ ନିଶ୍ଚିତ ରାଜସ୍ୱ ଗ୍ରାମ ମାନ୍ୟତା ମିଳିବ କହିଥିଲେ। ଉକ୍ତ ଗ୍ରାମ ୧୫୦ ବର୍ଷରୁ ଅଧିକ ହେବ ସ୍ଥାପନ ହୋଇଛି। ଗ୍ରାମର ସର୍ବମୋଟ ଜନସଂଖ୍ୟା ୬୧୪। ଉକ୍ତ ଗ୍ରାମକୁ ୨୪।୧୨।୧୯୯୯ ମସିହାରେ ପରିପତ୍ର ନମ୍ବର ୨୪୫୨ ଅନୁସାରେ ରାଜସ୍ୱ ଗ୍ରାମ ଘୋଷଣା କରାଯାଇଛି। କିନ୍ତୁ ତାହା କେବଳ କାଗଜପତ୍ରରେ ରହିଯାଇଛି ବୋଲି ଜଣାଇଛନ୍ତି।

ଏହି ବିଷୟ ନେଇ ଆଗାମୀ ଏକ ସପ୍ତାହ ମଧ୍ୟରେ ମୁରିବାହାଲ ତହସିଲଦାରଙ୍କୁ ମଧ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ବସନ୍ତ ବାଗ, ନବୀନ ବାଗ, ଲକ୍ଷ୍ମୀଧର ବାଗ, ଡୁଲାମାନୀ ବାଗ, ଉମାଶଙ୍କର ବାଗ ପ୍ରମୁଖ ନେତୃତ୍ୱ ନେଉଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀକୁ ହତ୍ୟା ଅଭିଯୋଗ: ସ୍ୱାମୀଙ୍କୁ କୋର୍ଟ ଚାଲାଣ

**ବୌଦ୍ଧ,୨୩।୭(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗଣ୍ଡାପାଜୁ ଗ୍ରାମରେ ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟଣାରେ ଅଭିଯୁକ୍ତ ସ୍ୱାମୀ କିଶୋରୀ ନାଏକଙ୍କୁ ପୁରୁଣାକଟକ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଶନିବାର ଦିନ ସାମାନ୍ୟ କଥାକୁ ନେଇ କିଶୋରୀ ଉତ୍ତ୍ୟକ୍ତ ହୋଇ ତାଙ୍କ ସ୍ତ୍ରୀ ଦୁର୍ଲ୍ଲଭା ନାଏକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୁରୁଣାକଟକ ପୋଲିସ ଘଟଣାଦିନ ଅଭିଯୁକ୍ତ କିଶୋରୀଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଥିଲା। ଏ ନେଇ ପୁରୁଣାକଟକ ଥାନାରେ ନଂ ୧୧୨/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବିନିକା,୨୩।୭(ରାମ ଗୋପାଳ ବାଘ):**



ସୁବର୍ଣ୍ଣପୁର ଜିଲା ବିନିକା ସହର ଚଣ୍ଡିପଡାର ଅବସରପ୍ରାପ୍ତ ଶିକ୍ଷକ ଦୈତାରୀ ମେହେର (୮୩)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ମେହେର ତାଙ୍କ ଚାକିରି ସମୟରେ ଏକାଧିକ ବାର ସମ୍ମାନିତ ହୋଇଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ଝିଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବହୁ ପୁରାତନ ଛାତ୍ରୀଛାତ୍ର, ବନ୍ଧୁବାନ୍ଧବ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ମହାନଦୀ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ ପୁଅ ରାମେଶ୍ୱର ମେହେର ମୁଖାଗ୍ନି ଦେଇଥିଲେ।

### ଗଛ ମଣିଷ ସମାଜ ପାଇଁ ଅମୂଲ୍ୟ ଦାନ

**ଘଣ୍ଟାପଡା,୨୩।୭(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଞ୍ଜେରମାଳ ବିଟ ବନରକ୍ଷୀ ରୀନା ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖୁଣ୍ଟିଗୋରା କ୍ଲଷ୍ଟର ସିଆରସିସି ଦେବାନନ୍ଦ ବେହେରା, ମୋସ୍କୁଲ ଅଭିଯାନ ସଭାପତି ଭକ୍ତ ସାହୁ, ପୁରାତନ ଛାତ୍ର ବଂଶୀଧର ମାଝୀ, ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ, ସନ୍ତୋଷ ସାହୁ ଯୋଗଦେଇ ଗଛ ମଣିଷ ସମାଜ ପାଇଁ ଈଶ୍ୱରଙ୍କ ଏକ ଅମୂଲ୍ୟ ଦାନ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଗୋବିନ୍ଦ ସାହୁ ମଞ୍ଚ ସଂଯୋଜନା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଚାରାରୋପଣ କରିଥିଲେ। ଶିକ୍ଷକ ସରୋଜ ସାହୁ, କର୍ମଚାରୀ ସମାରୁ ରଣା, କୁଳମଣି ରଣା, ଦେବସନ ମୁନା, ପୁରାତନ ଛାତ୍ର ଆଜାଦ କଲତା ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ପାଇଁ ଆଦିବାସୀ ମହିଳାଙ୍କ ଜୀବନ ଗଲା

**ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଅଧିକାଂଶ ଅଞ୍ଚଳରେ ଲୋକେ ଏହାର ସୁଫଳ ପାଇ ପାରୁନାହାନ୍ତି। ବୌଦ୍ଧ ଜିଲାରେ ରାସ୍ତା ପାଇଁ ରୋଗୀର ଜୀବନ ଯିବା ଏହାର ଏକ ଜ୍ୱଳନ୍ତ ଉଦାହରଣ।**

**ବୌଦ୍ଧ,୨୩।୭(ଅଜିତ କୁମାର ବାରିକ)**




ଗନସରଗୁଡି ଠାରୁ କିରମାଖୋଲ ମାଟି ରାସ୍ତାରେ ଆମ୍ବୁଲାନ୍ସ।

- ରାସ୍ତା ଖରାପ ଯୋଗୁ ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ
- ପରିବାର ଲୋକଙ୍କ ଅଭିଯୋଗ

ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ରୋଗୀ ନେଇ ଡାକ୍ତରଖାନାରେ ପହଞ୍ଚିଲା ବିଳମ୍ବରେ। ଫଳରେ ଠିକ୍ ସମୟରେ ଚିକିତ୍ସା ସୁବିଧା ନ ପାଇ ଜଣେ ଆଦିବାସୀ ମହିଳାଙ୍କ ଜୀବନ ଚାଲିଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ଘଟଣା ବୌଦ୍ଧ ବ୍ଲକର ଗୁହ୍ଲିଆ ପଞ୍ଚାୟତରେ ଘଟିଛି। ମୃତା ମହିଳା ହେଲେ ବନବାସୀ କହଁର (୪୭)।

ମିଳିଥିବା ସୂଚନା ମୁତାବକ, ଆଦିବାସୀ ଅଧୁଷିତ ଗୁହ୍ଲିଆ ପଞ୍ଚାୟତ ବୌଦ୍ଧ ଜିଲାର ଏକ ଦୁର୍ଗମ ଅଞ୍ଚଳ। ଏବେ ବି ପଞ୍ଚାୟତର ଅନେକ ଗ୍ରାମକୁ ସବୁଦିନିଆ ଭଲ ରାସ୍ତାଟିଏ ନାହିଁ। ଶନିବାର ଦିନ ଏହି ପଞ୍ଚାୟତ ଅଧୀନ କିରମାଖୋଲ ଗ୍ରାମର ଆଦିବାସୀ ମହିଳା ବନବାସୀ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକ ତାଙ୍କୁ ଡାକ୍ତରଖାନା ନେବାକୁ ପୂର୍ବାହ୍ନ ସାଢେ ୧୦ଟାରେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ରୋଗୀକୁ ଆଣିବା ପାଇଁ ଆମ୍ବୁଲାନ୍ସ ଗ୍ରାମ ଅଭିମୁଖେ ଯାଇଥିଲା। ହେଲେ ବର୍ଷାରେ ଗୁହ୍ଲିଆ ପଞ୍ଚାୟତର ଗନସରଗୁଡିଠାରୁ କିରମାଖୋଲ ଯାଏ ରାସ୍ତା କାଦୁଅ ଭର୍ତ୍ତି ହୋଇଥିବା ଯୋଗୁ ମାତ୍ର ୬ କିଲୋମିଟର ରାସ୍ତାକୁ ଆମ୍ବୁଲାନ୍ସ ଯିବା ଆସିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ଫଳରେ ରୋଗୀ ଆଣି ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ପହଞ୍ଚାଇବାକୁ ବହୁ ବିଳମ୍ବ ହୋଇଥିଲା। ସେତେବେଳକୁ ବନବାସୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ପଡିଥିଲା। ଡାକ୍ତରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ବିଳମ୍ବରେ ଚିକିତ୍ସା ଯୋଗୁ ବନବାସୀଙ୍କ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପରିବାର ଲୋକ ତାଙ୍କ ମୃତ୍ୟୁ ପାଇଁ ଗ୍ରାମକୁ ଯାଇଥିବା ରାସ୍ତାର ବିପର୍ଯ୍ୟସ୍ତ ଅବସ୍ଥାକୁ ଦାୟୀ କରିଛନ୍ତି। ଠିକ୍ ସମୟରେ ଆମ୍ବୁଲାନ୍ସକୁ ସୂଚନା ଦିଆଯାଇଥିଲେ ମଧ୍ୟ ଗାଁ ପାଖ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଆମ୍ବୁଲାନ୍ସ ଆସିବା ଓ ଡାକ୍ତରଖାନା ପହଞ୍ଚିବାରେ ବିଳମ୍ବ ହୋଇଥିଲା ବୋଲି ଅଭିଯୋଗ କରିଛନ୍ତି। ଜିଲାର କେବଳ କିରମାଖୋଲ ଗ୍ରାମ ରାସ୍ତା ଅବସ୍ଥା ଏଭଳି ନୁହେଁ, ଜିଲାର ବହୁ ଗ୍ରାମକୁ ସବୁଦିନଆ ରାସ୍ତା ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ରାସ୍ତା ସମସ୍ୟା ଯୋଗୁ ଆଗକୁ ଆଉ କେତେ ଲୋକଙ୍କ ଜୀବନ ଯିବା ଆଶଙ୍କା ଏଡାଇ ଦେଇ ହେବନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ସୁବର୍ଣ୍ଣପୁର ଜିଲାରେ ବଢୁଛି ଆଖିଧରା ରୋଗ

**ସୋନପୁର,୨୩।୭(ମୃତ୍ୟୁଞ୍ଜୟ ଶତପଥୀ)**



ଆଖିଧରା ଫଟୋ।

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳରେ ଆଖିଧରା ରୋଗ ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ଏବେ ଘରେ ଘରେ ଏହି ରୋଗ ବ୍ୟାପୁଥିବାରୁ ଏହା ସମସ୍ତଙ୍କ ଚିନ୍ତା ବଢାଇ ଦେଇଛି। ଆଖିଧରା ରୋଗରେ ଜିଲାର ଅଧିକାଂଶ ଛାତ୍ରୀଛାତ୍ର ସଂକ୍ରମିତ ହେଉଥିବାର ଚିତ୍ର ସାମ୍ନାକୁ ଆସିଛି। ଏହା ଏକ ଭୂତାଣୁ ଜନିତ ରୋଗ। ଦୂଷିତ ଓ କାଦୁଅ ଜଳରୁ ଏହା ବ୍ୟାପିଥାଏ। ବର୍ଷା ଋତୁରେ ସାଧାରଣତଃ ଆଖିଧରା ରୋଗୀଙ୍କ ସଂଖ୍ୟା ବଢିଥାଏ। ତେବେ ଚଳିତବର୍ଷ ରୋଗୀଙ୍କ ସଂଖ୍ୟା ଅନେକ ଗୁଣା ବୃଦ୍ଧି ପାଇଥିବା ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଂକ୍ରମିତ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉଥିବା ବେଳେ ହାଟ ବଜାରରେ ଶତାଧିକ ସଂକ୍ରମିତଙ୍କୁ ଦେଖିବାକୁ ମିଳୁଛି। ଅଭିଭାବକ ଓ ଜନସାଧାରଣ ସତର୍କତା ଅବଲମ୍ବନ କରୁ ନ ଥିବାରୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ସଞ୍ଜିବ୍ କର କୁହନ୍ତି, ଜୀବାଣୁ ଦ୍ୱାରା ଏହା ବ୍ୟାପିଥାଏ। ଏହି ରୋଗ ସପ୍ତାହେ ରୁ ୨ ସପ୍ତାହ ମଧ୍ୟରେ ରହିବ। ତେଣୁ ଏହି ଭୂତାଣୁ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ କିଭଳି ସଂକ୍ରମିତ ନ ହେବ ସେଥିପ୍ରତି ସତର୍କ ରହିବାକୁ ପଡିବ। ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ରୋଗ ଭଲ ହୋଇଥାଏ। ରୋଗରୁ ରକ୍ଷା ପାଇବା ଓ ଏହାର ଚିକିତ୍ସା ନେଇ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ତେବେ ସଂକ୍ରମିତ ପିଲାଙ୍କୁ ସ୍କୁଲକୁ ନ ଛାଡିବାକୁ ଡାକ୍ତର କର ପରାମର୍ଶ ଦେଇଛନ୍ତି। ଏହି ରୋଗ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବାକୁ ଦାବି ହେଉଛି।

# ଆମ୍ ଆଦ୍‌ମୀ ପାର୍ଟିର ଗାଁକୁ ଚାଲ ଅଭିଯାନ

**ଅମରପାଲି,୨୩।୭(ପୀତାମ୍ବର ସାହୁ)**




ଅମୂଲ୍ୟମଣି ରାଣିପୁରରେ ଗାଁକୁ ଚାଲ ଅଭିଯାନ।

ସୁବର୍ଣ୍ଣପୁର ଜିଲା ଆମ୍ ଆଦ୍‌ମୀ ପାର୍ଟି ତରଫରୁ ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମରେ ଶନିବାରଠାରୁ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ବ୍ଲକର ହିଲୁଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅମୂଲ୍ୟମଣି ରାଣୀପୁର ଏବଂ ମେଣ୍ଡାମାଲ ଗ୍ରାମରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଦଳର କର୍ମକର୍ତ୍ତାମାନେ ଦିଲ୍ଲୀରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାରର ସଫଳ ରାଜନୀତିକୁ ପ୍ରତ୍ୟେକ ଗ୍ରାମାଞ୍ଚଳରେ ପହଞ୍ଚାଇବା ତଥା ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସବୁ ବାଟମାରଣା ହେଉଛି ବୋଲି କହିଥିଲେ। ରାଜ୍ୟରେ ଯୋଗ୍ୟ ହିତାଧିକାରୀମାନେ ମୌଳିକ ସୁବିଧା ସୁଯୋଗ ପାଉ ନ ଥିବା ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ଜିଲା ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ କରିବା ପାଇଁ ଗାଁକୁ ଚାଲ ଅଭିଯାନ କରାଯାଉଥିବା ଏଏପିର ଜିଲା ସଭାପତି ସୁରେଶ କଲତା ପ୍ରକାଶ କରିଛନ୍ତି। ଜିଲା ସଭାପତି ସୁରେଶ କଲତାଙ୍କ ନେତୃତ୍ୱରେ ଉପସଭାପତି ପୃଥିରାଜ ଜଗଦଲା, ମୁକୁନ୍ଦ ଜଗଦଲା, ମାଧବ ମହାକୁର, ଆତ୍ରୟ ପ୍ରଧାନ, ବାଙ୍କବାହାରୀ ଭୋଇ, ସତ୍ୟନାରାୟଣ ରଥ, ରମାକାନ୍ତ ସୁରୁଯାଲ, ରଞ୍ଜନ ବଗର୍ତ୍ତୀ, ହେମନ୍ତ କୁମାର, ଗୌରୀ ଶଙ୍କର ହୋତା ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ।

# ବାବାଜି, ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ

**ଅମରପାଲି,୨୩।୭(ପୀତାମ୍ବର ସାହୁ)**

ବୀରମହାରାଜପୁର ଥାନା ଅନ୍ତର୍ଗତ ବିରସିଂପୁର ନିକଟରେ ଥିବା ବାଦପୁର ରାଧାକୃଷ୍ଣ ମନ୍ଦିରରେ ରହୁଥିବା ଜଣେ ବାବାଜି ଓ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ରାତିରେ କେତେଜଣ ବ୍ୟକ୍ତି ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ହରିହରଯୋର ଫାଣ୍ଡିରେ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, ଉକ୍ତ ରାଧାକୃଷ୍ଣ ମନ୍ଦିରରେ ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ ଡୁଟାମୁଣ୍ଡା ଗ୍ରାମର ହର ପଧାନ ବାବା ଭାବେ ଦୀର୍ଘ ୮ ବର୍ଷ ହେଲା ରହି ଆସୁଛନ୍ତି। ସେ ମନ୍ଦିରରେ ପୂଜାର୍ଚ୍ଚନା ମଧ୍ୟ କରନ୍ତି। ଗତ ଶନିବାର ରାତିରେ ହର ତାଙ୍କର ଜଣେ ସହଯୋଗୀ ଲୁଲୁ ବଘାରଙ୍କ ସହିତ ମନ୍ଦିର ପରିସରରେ ଥିଲେ। ବିଳମ୍ବିତ ରାତିରେ ୩ ଜଣ ବ୍ୟକ୍ତି ଆସି ଅନ୍ଧାରରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ହର ଆହତ ହୋଇ ଚିକିତ୍ସିତ ହୋଇଛନ୍ତି। ତିନି ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ କାଦୋଦର ଗ୍ରାମର ବୋଲି ଅଭିଯୋଗ ହୋଇଛି। ଏନେଇ ଫାଣ୍ଡିରେ ୧୨୩/୨୩ରେ ଏକ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ରାତିରେ ଅଭିଯୁକ୍ତମାନେ ସ୍ଥାନୀୟ ସଂରକ୍ଷିତ ଜଙ୍ଗଲକୁ ଜନ୍ତୁ ଶିକାର କରିବାକୁ ଯାଇଥିଲେ। ହର ଶିକାର କରିବାକୁ ବାରଣ କରିବାରୁ ସେମାନେ ଆକ୍ରମଣ କରିଥିଲେ। ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଛି।

# ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନୁଦାନ ନେଇ ଆଲୋଚନା




ବୈଠକରେ ଉପସ୍ଥିତ କମିଟି ସଦସ୍ୟ ଓ ଅଧ୍ୟାପିକା ଅଧ୍ୟାପକ।

**ଅମରପାଲି,୨୩।୭(ପୀତାମ୍ବର ସାହୁ)**

### କଲେଜ ପରିଚାଳନା କମିଟିର ବୈଠକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ କଲେଜ ପରିଚାଳନା କମିଟିର ବୈଠକ ରବିବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ କମିଟିର ସମ୍ପାଦକ ତଥା ମହାବିଦ୍ୟାଳୟ ଅଧକ୍ଷ ସୁଦାମ ଚରଣ ସାହୁ ବୈଠକର ଉଦ୍ଦେଶ୍ୟ, ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ। କମିଟିର ସଭାପତି ଖଣ୍ଡଗିରି ମହାବିଦ୍ୟାଳୟକୁ ମିଳିଥିବା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନୁଦାନ ବିଷୟରେ ବୈଠକରେ ଆଲୋଚନା କରିଥଲେ। ଏହି ଅନୁଦାନରେ ମହାବିଦ୍ୟାଳୟରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀ ପାଇଁ ଚାରି ଗୋଟି ସ୍ମାର୍ଟ ଶ୍ରେଣୀ ଗୃହ, ଦୁଇଟି ବିଜ୍ଞାନ ପରୀକ୍ଷାଗାର, ଉଭୟ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଟି ଲେଖାଏ ଶୌଚାଳୟ, ଦୁଇଟି ଇ - ଲାଇବ୍ରେରୀ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ କାର୍ଯ୍ୟ ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତବର୍ଷ ଡିସେମ୍ବର ୩୧ ସୁଦ୍ଧା ସାରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ଶ୍ରେଣୀଗୃହଗୁଡିକ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟରେ ଗଣିତ ଅଧ୍ୟାପକ ଅଭାବ ରହିଛି। ଏଣୁ ଗଣିତ ଅଧ୍ୟାପକ ନିଯୁକ୍ତି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଅଧକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଗୀତାଞ୍ଜଳୀ ପୂଜାହାରୀ, ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ, ରାଧାକାନ୍ତ ବାଘ, ସୟଦ ମୁଜାଫର ଅଲ୍ଲୀ, ରଞ୍ଜିତ ରଥ, ମୌସମୀ ମେରଲି, ନୀଳିମା ପଣ୍ଡା ଓ ଜଗଦୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଗୀତାଞ୍ଜଳୀ ପୂଜାହାରି ଧନ୍ୟବାଦ ଅର୍ପଣ କରିଥିଲେ।

# ପଲସପାଟ କେନାଲ ସଫା କଲେ ଚାଷୀ

**ବାଉଁଶୁଣୀ,୨୩।୭(ଦେବାଶିଷ ନେପାକ)**



ଚାଷୀମାନେ କେନାଲ ସଫା କରୁଛନ୍ତି।

ବୌଦ୍ଧ ଜଳସେଚନ ଡିଭିଜନ ଅନ୍ତର୍ଗତ କମଳପୁର ସେକ୍ସନ ତୁଳସୀପୁର ମାଇନରର ପଲସପାଟ କେନାଲକୁ ରବିବାର ଚାଷୀମାନେ ସଫା କରିଛନ୍ତି। ଏହି କେନାଲ ପୋତି ହୋଇ ପଡିଥିବା ଯୋଗୁ ଚାଷ ଜମି ପଡିଆ ପଡିଆ ଆଶଙ୍କା ସୃଷ୍ଟି ହୋଇଛି। ପଲସପାଟ ଗ୍ରାମର ଚାଷୀମାନେ ଏ ସମ୍ପର୍କରେ ବୌଦ୍ଧ ସାଲୁଙ୍କୀ କେନାଲର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କେନାଲ ମରାମତି ପାଇଁ ଦାବି କରିଛନ୍ତି। ଜଳସେଚନ ବିଭାଗ କେନାଲ ଉଦ୍ଧାର କାର୍ଯ୍ୟ ପ୍ରତିବର୍ଷ କରି ଆସୁଥିବା ବେଳେ ତିନି ବର୍ଷ ତଳେ ବିଭାଗ ପକ୍ଷରୁ ନିର୍ମିତ ଗାର୍ଡୱାଲ ଭାଙ୍ଗିଯାଇଛି। ଗାର୍ଡୱାଲ ନିର୍ମାଣ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିବା ସହ ଶ୍ରମଦାନ କରି କେନାଲରୁ ଅନାବନା ଗଛଲଟା ଓ ମାଟି କାଢି ସଫା କରିବା ଦେଖିବାକୁ ମିଳିଛି। କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ୮ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ଜବତ

**ସୋନପୁର,୨୩।୭(ମୃତ୍ୟୁଞ୍ଜୟ ଶତପଥୀ)**




ଜବତ ହୋଇଥିବା ଏକ ଭ୍ୟାନ୍।

### ଉଲୁଣ୍ଡା ବନ ବିଭାଗର ଚଢ଼ାଉ

- ୪ ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀ ଗିରଫ
- ପିକ୍‌ଅପ ଭ୍ୟାନ୍, ବୋଲେରୋ, କାର ଓ ବାଇକ୍ ଜବତ

ପଶ୍ଚିମବଙ୍ଗକୁ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ଏକ ବଡ ର୍ୟାକେଟ୍‌କୁ ଧରିବାରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନବିଭାଗ ସଫଳ ହୋଇଛି। ଏହି ଘଟଣାରେ ୪ ଜଣ ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ରବିବାର ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨୬୦ ବିଡ଼ା କେନ୍ଦୁପତ୍ର (ପ୍ରାୟ ୮ କୁଇଣ୍ଟାଲ) ଜବତ ହୋଇଛି। ସେହିଭଳି ଗୋଟିଏ ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ, ଗୋଟିଏ ବୋଲେରୋ, ଗୋଟିଏ କାର ଓ ଗୋଟିଏ ବାଇକ୍‌କୁ ବନବିଭାଗ ଜବତ କରିଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗକୁ ଚାଲାଣ କରିବା ପାଇଁ ବ୍ୟବସାୟୀମାନେ ଉଲୁଣ୍ଡା ଥାନା ପିପଲକଣ୍ଠା ନିକଟରେ ଏକ ପିକଅପ୍ ଭ୍ୟାନ୍‌ରେ କେନ୍ଦୁପତ୍ର ବୋଝେଇ କରୁଥିଲେ। ଏଜେଣ୍ଟମାନେ ଗ୍ରାମାଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ କରୁଥିଲେ। ନିକଟରେ ସମ୍ବଲପୁର ଅଞ୍ଚଳର ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀମାନେ ଜଗି ରହିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୟ ରାଉତ ଟିମ୍ ସହ ଘଟଣାସ୍ଥଳରେ ଚଢାଉ କରିଥିଲେ। ଏହି ଘଟଣାରେ ବ୍ୟବସାୟୀ ତଥା ସମ୍ବଲପୁର ମୋତିଝରଣ ଅଞ୍ଚଳର ସାହାଜାହାନ ଖାଁ (୪୮), ରାଜାନଗର ଅଞ୍ଚଳର ସୟଦ ମୁକ୍ତାର ଅହମ୍ମଦ (୪୫), ପେନସନପଡ଼ା ଅଞ୍ଚଳର ସୟଦ ଜାହିଦ (୪୦) ଓ କ୍ଷେତ୍ରରାଜପୁର ଅଞ୍ଚଳର ସୁଦାମ ପ୍ରସାଦ ଯାଦବ(୫୦)ଙ୍କୁ ଗିରଫ କରାଯାଇଛି। ସେହିଭଳି ଚୋରା କାରବାରରେ ବ୍ୟବହୃତ ବୋଲେରୋ ପିକ୍‌ଅପ ଭ୍ୟାନ (ନଂ ଓଡି୧୭ସି-୭୦୧୮), ବୋଲେରୋ (ନଂ ଓଡି୧୬ସି-୬୪୧୯), ସୁଇଫଟ୍ ଡିଜାୟାର କାର (ନଂ ଓଡି୧୫-୦୦୯୨)ଓ ମୋଟର ସାଇକେଲ (ନଂ ଓଡି୧୫ଏଲ-୪୩୭୬ )କୁ ବନବିଭାଗ ଜବତ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଏହି ଘଟଣା ପରେ ଚୋରା କେନ୍ଦୁପତ୍ର ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଚିକିତ୍ସିତ ହେଲେ ୧୧୨୩ରୁ ଊର୍ଦ୍ଧ୍ୱ ରୋଗୀ

**ସୋନପୁର,୨୩।୭(ମୃତ୍ୟୁଞ୍ଜୟ ଶତପଥୀ)**



ଅତିଥି ବୃନ୍ଦ ମେଗା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

### ତେଲେଣ୍ଡାରେ ମେଗା ସ୍ୱାସ୍ଥ୍ୟ ଶିବିର

କଟକ ସାମନ୍ତସାହି କେନାଲରୋଡସ୍ଥିତ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୪୭ତମ ମେଗା ସ୍ୱାସ୍ଥ୍ୟ ଶିବିର ରବିବାର ସୁବର୍ଣ୍ଣପୁର ଜିଲା ନିମ୍ନା ପଞ୍ଚାୟତର ତେଲେଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମିଳିତ ଭାବରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସମ୍ବଲପୁର ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ଓ ଜିଲାପାଳ ବିମଳେନ୍ଦୁ ରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦତ୍ତେଶ୍ୱର ହୋତା, ଟ୍ରଷ୍ଟର ଅଧକ୍ଷ ଗୋଧନେଶ୍ୱର ହୋତା ଓ ସଂପାଦକ ରାଜେଶ୍ୱର ହୋତାପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବିଡିଓ କରିଷ୍ମା ବେଶ୍ରା ଓ ଜିଲାର ବହୁ ପ୍ରଶାସନିକ ଅଧିକାରୀ ଯୋଗଦାନ କରିଥିଲେ। କଟକ, ସମ୍ବଲପୁର, ବୁର୍ଲା, ବଲାଙ୍ଗୀର ଓ ସୁବର୍ଣ୍ଣପୁରର ବିଭିନ୍ନ ବିଭାଗରୁ ୧୯ଜଣ ସ୍ପେଶାଲିଷ୍ଟ ଓ ସୁପରସ୍ପେଶାଲିଷ୍ଟ ଡାକ୍ତର ଉପସ୍ଥିତ ରହି ଶିବିରରେ ୧୧୨୩ ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିସହ ରୋଗୀମାନଙ୍କର ବିଭିନ୍ନ ରକ୍ତ ନମୁନା ଓ ଫୁସଫୁସ୍ ଫଙ୍କସନ ପରୀକ୍ଷା କରାଯିବା ସହ ଇସିଜି ମଧ୍ୟ କରାଯାଇଥିଲା। ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୫୬ ଜଣଙ୍କୁ ମାଗଣାରେ ଚଷମା ଦିଆଯାଇଥିଲା। ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ଓ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି ମେଗା ସ୍ୱାସ୍ଥ୍ୟସେବା ଶିବିର ଟ୍ରଷ୍ଟ ଓ ପଞ୍ଚାୟତର ଅନ୍ୟ ସହଯୋଗୀଙ୍କ ଦ୍ୱାରା ପରିଚାଳନା ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ଏହିପରି ମେଗା ସ୍ୱାସ୍ଥ୍ୟସେବା ଶିବିର ରାଜ୍ୟର ବିଭିନ୍ନ ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କରାଯାଉଥିବା ସୂଚନା ଦିଆଯାଇଛି। ଅନୁନ୍ନତ ଓ ଦୁର୍ଗମ ଅଞ୍ଚଳରେ ଉନ୍ନତମାନର ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏହାର ଲକ୍ଷ୍ୟ ବୋଲି ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ଡ. ଦତ୍ତେଶ୍ୱର ହୋତା ପ୍ରକାଶ କରିଥିଲେ।






## ଆଜି କ'ଣ କେଉଁଠି

ରାଉରକେଲା

- ରାଜକିଶୋର ରାଜଗୁରୁଙ୍କ ୯ମ ପୁଣ୍ୟତିଥି ଓ ମେଧାବୀ ଛାତ୍ରାଛାତ୍ରୀଙ୍କୁ ପଠନ ସାମଗ୍ରୀ ବଣ୍ଟନ, ସେକ୍ଟର-୧୬, ଶ୍ରଦ୍ଧା ସ୍ୱତନ୍ତ୍ର ବିଦ୍ୟାଳୟ, ସକାଳ ୧୦.୩୦ମି ।
- ଆଞ୍ଚଳିକ ପାଣିପାଗ ଓ ଜଳବାୟୁରେ ଭୂମିର ବ୍ୟବହାରିକ ପରିବର୍ତ୍ତନ ବିଷୟ କର୍ମଶାଳା, ରାଉରକେଲା ଜାତୀୟ ପ୍ରଯୁକ୍ତି ବିଜ୍ଞାନ ପ୍ରତିଷ୍ଠାନ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଲୁହା ରଡ୍ ଚୋରି, ୨ଗିରଫ

**ରାଉରକେଲା,୨୩।୭(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲି ସ୍ଥିତ ନୂତନ କୋର୍ଟ କୋଠା ନିର୍ମାଣସ୍ଥଳୀରୁ ଲୁହାରଡ୍ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କାର୍ତ୍ତିକ ରାଓ ଓ ବିର ମଲ୍ଲିକ। ଉଭୟଙ୍କଠାରୁ ଲୁହାରଡ୍ ଜବତ ହୋଇଛି। ଉଦିତନଗର ଥାନା ପୋଲିସ ଏକ ମାମଲା (ନଂ.୨୩୪।୨୩) ରୁଜୁ କରି ଉଭୟଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଉଭୟ ଚୋରି କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ।

### ଅବକାରୀ ଚଢ଼ାଉ, ୧ ଗିରଫ

**ରାଉରକେଲା,୨୩।୭(ସଙ୍ଗୀତା ଜେନା):** ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଖଇରୀବନ୍ଧ କୁମ୍ଭାରବସ୍ତି ଅଞ୍ଚଳରେ ରବିବାର ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ଅବକାରୀ ବିଭାଗ ପ୍ରାୟ ୧୮ କୁଇଣ୍ଟାଲ ପୋଚ, ୬୦ ଲିଟର ଦେଶୀମଦ, ଗୋଟିଏ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ କିଶୋର ଲୁନାରଙ୍କୁ ଗିରଫ କରାଯାଇଛି। ଏ ନେଇ ଦୁଇଟି ମାମଲା (ନଂ.୧୫୧।୨୩ ଓ ନଂ.୧୫୨।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ପୋଚ ଗୁଡ଼ିକୁ ନଷ୍ଟ କରାଯାଇଛି।

### ସ୍କର୍ପିଓ ଚୋରି ଅଭିଯୋଗ

**ରାଉରକେଲା, ୨୩।୭(ସଙ୍ଗୀତା ଜେନା):** ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ଏକ ସ୍କର୍ପିଓ ଚୋରି ହୋଇଥିବା ନେଇ ଏତଲା କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୭।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀର ଘନଶ୍ୟାମ ଦାସ ଅଗ୍ରୱାଲ ନିଜ ସ୍କର୍ପିଓ (ନଂ.ଓଡ଼ି୧୬ଏଚ/୯୯୦୯)କୁ ନେଇ ସିଭିଲଟାଉନଶିପ୍ ସ୍ଥିତ ବନ୍ଧୁଙ୍କ ଘର ସମ୍ମୁଖରେ ରଖିଥିଲେ। କେହି ଦୁର୍ବୃତ୍ତ ଏହାକୁ ଚୋରି କରି ନେଇଥିବା ଜାଣିବାକୁ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଗଣେଶ ଚତୁର୍ଥୀ ପାଇଁ ପ୍ରସ୍ତୁତି ବୈଠକ

**ରାଉରକେଲା, ୨୩।୭(ସଙ୍ଗୀତା ଜେନା):** ସତ୍ୟନାରାୟଣ ୱେଲଫେୟାର କମିଟି ପକ୍ଷରୁ ଆସନ୍ତା ଗଣେଶ ଚତୁର୍ଥୀ ପାଇଁ ଜଗଦା କମ୍ୟୁନିଟି ସେଣ୍ଟରରେ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମାଜସେବୀ ସଞ୍ଜୀବ ମହାନ୍ତିଙ୍କ ପୃଷ୍ଠପୋଷକତା ତଥା କମିଟି ସଭାପତି ସନ୍ତୋଷ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ କାଶୀନାଥ ପଣ୍ଡା, ସମ୍ପାଦକ ନିଖିଲ ବିଶୋୟୀ, କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାରଣା, ଆବାହକ ସାଗର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ଥର ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ନୂତନ ଥିମ୍‌ରେ ଗଣେଶ ମୂର୍ତ୍ତି ନିର୍ମାଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ରବିବାର ରେଲୱେ ବୋର୍ଡ ସଦସ୍ୟ ପ୍ରଫେସର ଡ. ସୁବାସ ଲେଙ୍କାଙ୍କ ସମେତ ୭ଜଣିଆ ଟିମ୍ ରାଉରକେଲା ରେଲୱେ ଷ୍ଟେସନ ପରିସର ନିରୀକ୍ଷଣ କରୁଛନ୍ତି। (ଫଟୋ: ବିବେକ)

## ରେଳ ଷ୍ଟେଶନ ନିରୀକ୍ଷଣ କଲା ୭ ଜଣିଆ ଟିମ୍

**ରାଉରକେଲା,୨୩।୭(ସଙ୍ଗୀତା ଜେନା)** ନୂଆଦିଲ୍ଲୀ ଡିଆରୟୁସିସି ରେଲୱେ ବୋର୍ଡ ସଦସ୍ୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ଆମ୍ବାସଡର ପ୍ରଫେସର ଡ. ସୁବାସ ଲେଙ୍କାଙ୍କ ସମେତ ଏକ ୭ ଜଣିଆ ଟିମ୍ ରବିବାର ରାଉରକେଲା ରେଲୱେ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ଡ. ଲେଙ୍କାଙ୍କ ସହ ସିସିଆଇ ତପନ କୁମାର ମଣ୍ଡଳ, ରାଉରକେଲା ଷ୍ଟେଶନ ମାଷ୍ଟର ପ୍ରଭାସ କୁମାର ଦାଶ, ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା, ଉମାଶଙ୍କର ତିୱାରୀ, ଏ.ସି ମଣ୍ଡଳ, ଉମେଶ ପାଶୱାନ ପ୍ରମୁଖ ସାମିଲ ହୋଇଥିଲେ। ପୁଲକ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଷ୍ଟେଶନ ପରିସରରେ ଥିବା ସମସ୍ତ ପ୍ଲାଟଫର୍ମର ପରିଷ୍କାର ପରିଚ୍ଛନ୍ନତା, ବୁକ୍‌ଷ୍ଟଲ, ଟି ଷ୍ଟଲ, ଗାଡି ପାର୍କି ଷ୍ଟାଣ୍ଡ, ଟିକେଟ ବୁକିଙ୍ଗ କାଉଣ୍ଟର ବୁଲି ଦେଖିଥିଲେ। ଷ୍ଟେଶନ ପରିସରରେ ଥିବା ଟି ଷ୍ଟଲ, କାଉଣ୍ଟର, ଲିଫ୍ଟଗୁଡିକ ଠିକ୍ ଭାବେ କାମ କରୁଛି କି ନାହିଁ ତାକୁ ଯାଞ୍ଚ କରିଥିଲେ। ଏହାସହ ନୂତନ ଭାବେ ନିର୍ମାଣ କରାଯାଉଥିବା ୬ ଓ ୭ ନମ୍ବର ପ୍ଲାଟଫର୍ମର ଖାନ ପାନ, ବିଶ୍ରାମଗୃହ, ଶୌଚାଳୟ, ଗାର୍ଡଲବି, ଟ୍ରେନ ପାଇଲଟଙ୍କ କାର୍ଯ୍ୟାଳୟ ସହ ଜଳସେବା ମେଶିନଗୁଡିକୁ ଯାଞ୍ଚ କରାଯାଇଥିଲା। ରାଉରକେଲାରୁ ଭଦ୍ରକ ଦୁଇଯୋଡା ଇଣ୍ଟରସିଟି ଟ୍ରେନ ଚାଲୁ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଷ୍ଟେଶନ ଦୁଇପାଖରେ ଥିବା ଗାଡ଼ିଷ୍ଟାଣ୍ଡରେ ଗାଡି ପିଛା ପୁନଃ ମୂଲ୍ୟ ନିର୍ଧାରଣ କରି କମ୍ କରିବାକୁ ପରାମର୍ଶ ଦିଆଯାଇଥିଲା।

# ବସ୍ତିବାସୀଙ୍କ କବ୍‌ଜାରେ ଶିଶୁପାର୍କ

**ରାଉରକେଲା,୨୩।୭(ଦିନେଶ ମିଶ୍ର)**



ପାର୍କ ଭିତରେ ଯାନବାହନ ପାର୍କିଂ କରାଯାଇଛି।

ହକି ବିଶ୍ୱକପ ପୂର୍ବରୁ ଆରଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ରାଉରକେଲା ସହରର ବାସନ୍ତୀ କଲୋନୀସ୍ଥିତ ଡିଏଭି ବସ୍ତି ନିକଟରେ ଏକ ଶିଶୁପାର୍କ ନିର୍ମାଣ କରାଯାଇଥିଲା। ପାର୍କ ନିର୍ମାଣ ହେବା ପରେ ଲକ୍ଷାଧିକ ଟଙ୍କାର ଜିମ୍ ଉପକରଣ ଓ ପିଲାମାନଙ୍କ ଖେଳକୁଦ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ଲାଗିଥିଲା। ସେହିପରି ଜନସାଧାରଣଙ୍କ ପାଇଁ ସିମେଣ୍ଟ ନିର୍ମିତ ଚେୟାର ମଧ୍ୟ ପକାଯାଇଥିଲା। ବସ୍ତିର କୋମଳମତି ଶିଶୁ ଓ ବରିଷ୍ଠ ନାଗରିକମାନେ ଜିମ୍ ଓ ଖେଳ ସାମଗ୍ରୀର ମଜା ନେଉଥିଲେ। ପ୍ରତିଦିନ ଆର୍‌ଏମ୍‌ସି ପକ୍ଷରୁ ପାର୍କର ସ୍ୱଚ୍ଛତା ସହ ରଙ୍ଗବେରଙ୍ଗ ଆଲୋକମାଳାର ଯତ୍ନ ନିଆଯାଉଥିଲା। ତେବେ ବର୍ତ୍ତମାନ ଏହି ପାର୍କଟି ଡିଏଭି ବସ୍ତିର କିଛି ଲୋକଙ୍କ କବ୍‌ଜାରେ ରହିଛି। ଏହି ପାର୍କ ପରିସରରେ ପଡିଥିବା ଚେୟାରଗୁଡିକରେ ସ୍ଥାନୀୟ ସେମାନେ ନିଜ ପୋଷାକ ଶୁଖାଉଛନ୍ତି। ଏଥିସହ ସେଠାରେ ବାଇକଠାରୁ ଆରମ୍ଭ କରି କାର୍ ପର୍ଯ୍ୟନ୍ତ ଯାନବାହନ ରଖୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାହେଲେ ପାର୍କ ଭିତରେ ଡିଏଭି ବସ୍ତିର କିଛି ମହିଳା ଠେଲା ଲଗାଇ ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଅନ୍ୟ ବ୍ୟବସାୟୀମାନେ ପ୍ରଭାବିତ ହୋଇ ପାର୍କ ପରିସରରେ ଠେଲା ଲଗାଇ ଉକ୍ତ ପରିବେଶକୁ ନଷ୍ଟ କରୁଛନ୍ତି। ପାର୍କ ଚାରିପଟେ କୌଣସି ପାଚେରି ନ ଥିବାରୁ ବୁଲା ପ୍ରାଣୀ ପଶି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି।

### ପାର୍କରେ ଗାଡ଼ି ପାର୍କିଂ ସହ ଶୁଖୁଛି ଘରୋଇ ପୋଷାକ

ଏଭଳି ପରିସ୍ଥିତିରେ ପାର୍କ ଭିତରକୁ ପୂର୍ବଭଳି ଆଉ ଲୋକ ଆସୁ ନାହାନ୍ତି। ସେହିପରି ଲକ୍ଷାଧିକ ଟଙ୍କା ବିନିମୟରେ ଲାଗିଥିବା ଜିମ୍ ଉପକରଣ ଓ ବିଭିନ୍ନ ଖେଳସାମଗ୍ରୀ ଖତ ଖାଉଛି। ରାତିରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ବର୍ତ୍ତମାନ ପାର୍କଟି ସମ୍ପୂର୍ଣ୍ଣ ସ୍ଥାନୀୟ ଲୋକଙ୍କ କବ୍‌ଜାରେ ଥିବା ଦେଖିବାକୁ ମିଳିଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୀତାଦେବୀ ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ସ୍ଥାନୀୟ ବସ୍ତିବାସୀଙ୍କ କବ୍‌ଜାରେ ପାର୍କ ଥିବା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆଗାମୀ ଦିନରେ ଆମେ ଉକ୍ତ ପାର୍କର ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଯଥା ସମ୍ଭବ ସମସ୍ୟାକୁ ଦୂର କରିବୁ ବୋଲି ମାଝି କହିଥିଲେ।

## ମଦଭାଟି ବନ୍ଦ ସତ୍ତ୍ୱେ ଚାଲିଛି କାରବାର

**ରାଉରକେଲା,୨୩।୭(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲା ସହରରେ ଦେଶୀ ମଦଭାଟି ବନ୍ଦ ରହିଛି। ଏହାସତ୍ତ୍ୱେ ସହର ସାରା ବେଆଇନ ଦେଶୀ ମଦ ପାଉଚ କାରବାର ଚାଲିଛି। ଅବକାରୀ ବିଭାଗ ୨୦୨୨-୨୩ରେ ଏହି ଘଟଣାରେ ୧୮ଟି ମାମଲା ରୁଜୁ କରି ୧୫ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମଦ କାରବାର ଉପରେ ରୋକ୍ ଲଗାଯାଇପାରିନାହିଁ। ବିଭାଗୀୟ ସୂଚନା ଅନୁସାରେ ରାଉରକେଲା, କୁଆଁରମୁଣ୍ଡା ଏବଂ ଡୁମେର୍ତାଠାରେ ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ରହିଛି। ତେବେ ପ୍ରାୟ ୧୬ ମାସ ହେଲାଣି ଏସବୁ ମଦଭାଟି ବନ୍ଦ ରହିଥିବା ବେଳେ ବର୍ତ୍ତମାନ କେବଳ ଧୀରପାଣି ସ୍ଥିତ ଡୁମେର୍ତା ଭାଟି ଖୋଲିଛି। ସହରର ଟ୍ରାଫିକ ଗେଟ୍ ହୋଟେଲରୁ ମାଲଗୋଦାମ, ତିଳିକାନଗର, ବନ୍ଧମୁଣ୍ଡା, ଗୋପବନ୍ଧୁପାଲି, ରେଲୱେ କଲୋନୀ, ମଧୁସୂଦନପାଲି, ଇନ୍ଦିରା ନଗର, ଟିମ୍ବର କଲୋନୀ, ଗଙ୍ଗାଧରପାଲି, ଖରିଆବାହାଲ ବସ୍ତି, ଗୋଲଘର, କବି ସମ୍ରାଟପାଲି, ସୁଭାଷପାଲି, ତାରାତାରିଣୀପାଲି, ବାଗୁଡି ବସ୍ତି, ପାନପୋଷ ମଣିକଲୋନୀ, ବାଂଲାଟୋଲି, ଦେଉଗାଁ, ବେଦବ୍ୟାସ ନଦୀକୂଳରେ ଦେଶୀ ମଦ ଓ ପାଉଚ ବିକ୍ରି ଜୋରସୋର କରାଯାଉଛି। ସହରରେ ଦେଶୀମଦ ଭାଟି ବନ୍ଦ ସତ୍ତ୍ୱେ ବ୍ୟାପକ ମଦ ବିକ୍ରି ହେଉଥିବାରୁ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ରାଉରକେଲା ଅବକାରୀ ବିଭାଗ ଏସ୍‌ଆଇ ଶ୍ରୀଧର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଖବର ପାଇବା ପରେ ବେଆଇନ ବିଦେଶୀ ମଦ କାରବାର ସ୍ଥଳରେ ଚଢାଉ କରାଯାଉଛି। ଆଗରୁ ୩ଟି ଦେଶୀ ମଦଭାଟି ଥିଲାବେଳେ ବର୍ତ୍ତମାନ ଦୁଇଟି ବନ୍ଦ ରହିଛି । କେବଳ ଝିରପାଣି ସ୍ଥିତ ଡୁମେର୍ତା ଦେଶୀମଦ ଭାଟି ଚାଲିଛି ବୋଲି ସେ କହିଥିଲେ।

## ଓଷ୍ଟାର ଜିଲାସ୍ତରୀୟ ଶିକ୍ଷକ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୨୩।୭(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲା ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟ ପରିସରରେ ରବିବାର ଜିଲା ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଜିଲାସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟ ଓଷ୍ଟା ସଂଘ ସଭାପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି, ଜିଲା ଓଷ୍ଟା ସଂଘ ସଭାପତି ବିଭିଷଣ ବାରିକ, ଉପଦେଷ୍ଟା ବ୍ରଜେନ୍ଦ୍ର ଦାସ, ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ସନ୍ତୋଷ କୁମାର ନାଇକ, ନିତ୍ୟାନନ୍ଦ ବେହେରା, ସନ୍ତୋଷ କୁମାର ପଟେଲ, ଶିଶିର କୁମାର ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ସୁନ୍ଦରଗଡ ଜିଲାର ୧୩୦ଜଣ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୨୧ଟି ଅଭିଯୋଗ ଉପରେ ଆଲୋଚନା କରାଯାଇଥିଲା। ଜିଲାର ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, ସରକାରୀ ସ୍କୁଲ ଶିକ୍ଷକମାନଙ୍କ ପେନସନ ଜନିତ ସମସ୍ୟା, ୧୯୪ଟି ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ଉନ୍ନତୀକରଣ, ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ଖାଲିଥିବା ପଦବୀ ପୂରଣ, ଖେଳ ଶିକ୍ଷକମାନଙ୍କ ଗ୍ରେଡ୍ ପେ ୨୮ଶହ ଟଙ୍କାକୁ ବୃଦ୍ଧି, ନୂତନ ଅନୁଦାନପ୍ରାପ୍ତ ସ୍କୁଲମାନଙ୍କୁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ ଉପରେ ବିଚାର ବିମର୍ଶ କରାଯାଇଥିଲା। ଶିକ୍ଷକ ହୃଷୀକେଶ ନାୟକ, ସୁଶାନ୍ତ କୁମାର ସିଂ, ରମେଶ ସାହୁ ଏବଂ କ୍ରୀଷ୍ଣା ସାହୁ ପ୍ରମୁଖ ଅଭିଯୋଗ ବିଷୟରେ ନିଜ ନିଜର ମତାମତ ଦେଇଥିଲେ। ସମ୍ପାଦକ ବିଭିଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ

**ରାଉରକେଲା,୨୩।୭(ସଙ୍ଗୀତା ଜେନା)** ଛେଣ୍ଡ କଳିଙ୍ଗ ବିହାର ଅଞ୍ଚଳରେ ଏକ ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା (ନଂ.୯୮।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, କଳିଙ୍ଗ ବିହାର ଅଞ୍ଚଳର ଏଚଆଇଜି/ବି/୨୮୫ରେ ଅସିତ କୟାଲ ସପରିବାର ରୁହନ୍ତି। ସେ ୧୫ ଦିନ ହେଲା ରାଉରକେଲା ବାହାରକୁ ଯାଇଥିବା ବେଳେ କେୟାର ଟେକର ଘର ଜଗୁଥିଲେ। ଗତ ୨୧ ତାରିଖ ସକାଳ ସମୟରେ କେୟାର ଟେକର ଲନଲି କୁଜୁର ଘରକୁ ଆସି ଗ୍ରୀଲ ଭଙ୍ଗାଯାଇଥିବା ଦେଖିଥିଲେ। ଭିତର କବାଟ ଭାଙ୍ଗି କେହି ଦୁର୍ବୃତ୍ତ ଘରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା ଜାଣି ଏ ନେଇ କୁଜୁର ଥାନାରେ ଏତଲା ଦେଇଥିଲେ।

## ପରିବା ବଜାରରେ ଡ୍ରେନେଜ ସମସ୍ୟା



ବଜାର ଡ୍ରେନ ମଧ୍ୟରେ ମଇଳା ପାଣି ।

**ରାଉରକେଲା,୨୩।୭(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲା ମହାନଗର ନିଗମ ଅଧୀନ ପାନପୋଷ ବଜାରରେ ଡ୍ରେନେଜ ସମସ୍ୟା ଯୋଗୁ ବ୍ୟବସାୟୀମାନେ ନାନା ଅସୁବିଧା ଭୋଗୁଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ପାନପୋଷ ବଜାର ସହରର ସର୍ବପ୍ରାଚୀନ ବ୍ୟବସାୟିକ ସ୍ଥଳୀ। ଏହି ବଜାର ଉପରେ ପାନପୋଷ ସମେତ ଏସ୍‌ଟିଆଇ, ଉଦିତନଗର ସମେତ ଆଖପାଖ ବସ୍ତି ଅଞ୍ଚଳର ହଜାର ହଜାର ଲୋକ ନିର୍ଭର କରନ୍ତି। ଏଠାରେ ବ୍ୟବସାୟୀଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ତେବେ ବର୍ତ୍ତମାନ ବର୍ଷା ସମୟରେ ବଜାରରେ ପରିବା ବେପାରୀମାନେ ଡ୍ରେନେଜ ଯୋଗୁ ସମସ୍ୟାରେ ପଡିଛନ୍ତି। ବେପାରୀମାନଙ୍କ କହିବା ଅନୁସାରେ ପରିବା ବଜାର ମଧ୍ୟରେ ଡ୍ରେନେଜ ପାଣି ନିଷ୍କାସନ ନ ହୋଇ ବଜାରରେ ଜମି ରହୁଛି। ଅନ୍ୟପଟେ ଡ୍ରେନେଜରେ ଆଇଁଷ ବେପାରୀଙ୍କ ପରିତ୍ୟକ୍ତ ଅଳିଆ ପଡିରହୁଛି। ସେହିପରି ପରିବା ବଜାର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ସମୟରେ ପାଣି ଉପରେ ବେପାରୀମାନେ ପରିବା ବିକ୍ରି କରୁଛନ୍ତି। ତେଣୁ ବଜାର ପରିସରରେ ଡ୍ରେନ, ରାସ୍ତା ସହ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଗଙ୍ଗାଧର ଦାଶ, ଶିବ ପ୍ରସାଦ ବାରିକ, ଗଙ୍ଗାଧର ସାହୁ ପ୍ରମୁଖ ବ୍ୟବସାୟୀ ଦାବି କରିଛନ୍ତି।

# ଯୋଗ ଭାରତୀୟ ସଂସ୍କୃତି, ପରମ୍ପରାର ପରିଚୟ

### ଜିଲାସ୍ତରୀୟ ଯୋଗ ଶିବିର ଉଦ୍‌ଯାପିତ

**ରାଉରକେଲା,୨୩।୭(ଦିନେଶ ମିଶ୍ର)**



ଡିଏଭି ପବ୍ଲିକ ସ୍କୁଲ ପରିସରରେ ଯୋଗାସନ କରାଯାଉଛି।

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଜିଲାସ୍ତରୀୟ ଦ୍ୱିତୀୟ ଯୋଗାସନ ସ୍ପୋର୍ଟସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବକୁ ଯୋଗାସନ ସ୍ପୋର୍ଟସ ଆସୋସିଏଶନ ଅଫ୍ ସୁନ୍ଦରଗଡ ପକ୍ଷରୁ ଆୟୋଜନ କରାଯାଇଥିଲା। ଡା. ଏନ୍. କେ ଖୋସଲା ଡିଏଭି ସ୍କୁଲର ପ୍ରଧାନ ଶିକ୍ଷକ ଡ. ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଗ ହେଉଛି ଭାରତୀୟ ସଂସ୍କୃତି ଓ ପରମ୍ପରା ପରିଚୟ। ତେଣୁ ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ ଯୋଗ କରିବା ଆବଶ୍ୟକ। ଯୋଗ ମାଧ୍ୟମରେ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ମୁଖ୍ୟ ଅତିଥି ଡ. ପ୍ରଧାନ ମତପ୍ରକାଶ କରିଥିଲେ। ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଏଥିରେ ବାସନ୍ତୀ କଲୋନୀ ଡିଏଭି ସ୍କୁଲର ଗ୍ରୁପ୍ ଯୋଗର ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରି ଚାମ୍ପିୟନ୍ ହୋଇଥିଲା। ରାଉରକେଲାର ଜେ.କେ ସ୍ପୋର୍ଟସ ଦଳ ଦ୍ୱିତୀୟ, ଗୁରୁନାନକ ପବ୍ଲିକ ସ୍କୁଲ ତୃତୀୟ ଓ ସୁରଭି ଯୋଗ ଗ୍ରୁପ୍ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏହି ସମସ୍ତ ଗ୍ରୁପ୍‌ର ଯୋଗ କୌଶଳକୁ ଯୋଗଗୁରୁ ଶ୍ରୀକାନ୍ତ କୁମାର ଶତପଥୀ, ରାମଚନ୍ଦ୍ର ମହାନ୍ତ, ସୂର୍ଯ୍ୟ ଲେଙ୍କା, ରାଜା ପରମାଣିକ ବିଚାରକ ମଣ୍ଡଳୀ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଡିଏଭି ସ୍କୁଲର କର୍ମକର୍ତ୍ତା ସହଯୋଗ କରିଥିଲେ।

# ସଚେତନତା ରୋକିବ କର୍କଟ

**ରାଉରକେଲା,୨୩।୭(ବିପ୍ଳବ ରଞ୍ଜନ ଦାଶ)**



ଅତିଥିମାନଙ୍କ ଗହଣରେ ସାମାଜିକ କର୍ମୀଗଣ। (ଫଟୋ: ବିବେକ)

ରାଉରକେଲା ସହର ସେବା ସମିତି ଓ କଟକସ୍ଥିତ କାର୍ସିନୋଭା କ୍ୟାନ୍‌ସର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନ ୧୦ଟାରେ ସୋଲେସ ହୋଟେଲ ପରିସରରେ କର୍କଟ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ସହରସେବା ସମିତିର ଆବାହକ ଶୈଳେନ୍ଦ୍ର କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରସେବା ସମିତିସଭାପତିମନୋରଞ୍ଜନ ଦାସ, ଉପସଭାପତି ପୁଷ୍ପା ଲେଙ୍କା ଉପସ୍ଥିତ ଥିଲେ। ଏଥିରେ ଆଲୋଚକ ଭାବେ କାର୍ସିନୋଭା କ୍ୟାନ୍‌ସର ହସ୍ପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ତଥା ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡ. କ୍ଷିତିଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ହସ୍ପିଟାଲର ସୂଚନା ଓ ଲୋକସମ୍ପର୍କ ଅଧିକାରୀ କିଶୋର ଚନ୍ଦ୍ର ରଥ ପ୍ରାରମ୍ଭରେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ରୋଗୀମାନଙ୍କ ସୁଲଭ ଚିକିତ୍ସା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ବହୁ ଲୋକ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଏଭଳି ଗରିବ ଓ ଅସହାୟ କର୍କଟ ରୋଗୀଙ୍କୁ କାର୍ସିନୋଭା ଡାକ୍ତରଖାନାରେ ମାଗଣାରେ ଚିକିତ୍ସା କରାଯାଉଛି ବୋଲି ରଥ କହିଥିଲେ। ଏହାପରେ ଡାକ୍ତର ମିଶ୍ର କର୍କଟ ରୋଗ ବିଷୟରେ ତଥ୍ୟଭିତ୍ତିକ ସୂଚନା ଦେବା ସହ କେବଳ ସଚେତନତା ହିଁ କର୍କଟ ରୋଗକୁ ପ୍ରତିହତ କରିପାରିବ ବୋଲି କହିଥିଲେ। ଆବାହକ ଶୈଳେନ୍ଦ୍ର କୁମାର ମହାନ୍ତି ସହରରେ ତମାଖୁ ବର୍ଜନ ଉପରେ ବ୍ୟାପକ ଅଭିଯାନ ଚଳାଇବାକୁ ନିବେଦନ କରିଥିଲେ। ଶେଷରେ କୁଞ୍ଜ ରାଉରତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଜୁଲାଇ, ୨୦୨୩



**ଅନୁଦାନ ମଞ୍ଜୁରକୁ ଜିଲା ସଭାପତିଙ୍କ ସ୍ୱାଗତ**

ସମ୍ବଲପୁର,(ଶୁଭାଶିଷ ପାଢ଼ୀ): ରାଜ୍ୟ ସରକାର ସମ୍ବଲପୁର ଜିଲାର ୩୬୮ ପ୍ରକଳ୍ପ ପାଇଁ ୧୯ କୋଟି ଟଙ୍କା ଅନୁଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ସହାୟତା ଭାବେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଉନ୍ନତୀକରଣ ପାଇଁ ଏହି ଅନୁଦାନ ମଞ୍ଜୁର ହେଉଛି। ଜୁଲାଇ ୧୫ରେ ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ୫-ଟି ସଚିବ ଧାର୍ମିକ ଅନୁଷ୍ଠାନ ପ୍ରଥମ ପର୍ଯ୍ୟାୟରେ ଉନ୍ନତି କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅନୁଦାନ ମଞ୍ଜୁରକୁ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ ସ୍ୱାଗତ କରିଛନ୍ତି। ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମଧ୍ୟ ସାଧୁବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ପୌରହିତ୍ୟ କର୍ମକାଣ୍ଡରେ ସୌମ୍ୟରଞ୍ଜନ ଟପ୍ପର

**ପଡିଆବାହାଲ, ୨୩।୭(ରାଧାମୋହନ ଷଡଙ୍ଗୀ):** ନୂଆଦିଲ୍ଲୀସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପୌରହିତ୍ୟ କର୍ମକାଣ୍ଡରେ ଟପ୍ପର ହୋଇଛନ୍ତି



ସୌମ୍ୟରଞ୍ଜନ ବଡପଣ୍ଡା। ଯୁଯୁମୁରା ବ୍ଲକ ବାହାମ ଗ୍ରାମପଞ୍ଚାୟତ ଖଲିଆପାଲି ଗ୍ରାମର ମନ୍ଦିର ପୂଜକ ବିଶ୍ୱରଞ୍ଜନ ବଡପଣ୍ଡା ଓ କଲ୍ୟାଣୀ ବଡପଣ୍ଡାଙ୍କ ବଡ଼ ପୁଅ ସୌମ୍ୟରଞ୍ଜନ ପୌରହିତ୍ୟ କର୍ମକାଣ୍ଡ ଶିକ୍ଷା ଗ୍ରହଣ କରିବା ସାଙ୍ଗକୁ ଜଣେ ସୁସଂଗଠକ ଓ ସମ୍ବଲପୁରୀ କଳା ସଂସ୍କୃତିର ଯୁବ ପ୍ରତିଭା। ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହି ସଫଳତା ପାଇଁ ସୌମ୍ୟ ମା'ବାପା, ବନ୍ଧୁ ପରିଜନଙ୍କୁ ଶ୍ରେୟ ଦେଇଛନ୍ତି। ସୌମ୍ୟ ଭବିଷ୍ୟତରେ ଜଣେ ଆଦର୍ଶ ସଂସ୍କୃତ ପ୍ରାଧାପକ ଏବଂ ଜଣେ ଆଦର୍ଶ କର୍ମକାଣ୍ଡି ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

### ଲସା-ଚନାଗୁଡ଼ା ରାସ୍ତା ଶୋଚନୀୟ



**କୁଚିଣ୍ଡା, ୨୩।୭(ବିରଞ୍ଚି ଦର୍ଲା):** କୁଚିଣ୍ଡା ବ୍ଲକ ଚନ୍ଦନିମାଲ ପଞ୍ଚାୟତର ଲସାଠାରୁ ଚନାଗୁଡା ରାସ୍ତା ପାଣିକାଦୁଅ ଯୋଗୁ ଶୋଚନୀୟ ହୋଇପଡିଛି। ଫଳରେ ଚନାଗୁଡାବାସୀ ପଞ୍ଚାୟତ ମହକୁମା ଚନ୍ଦନିମାଲ ଓ କୁଚିଣ୍ଡାକୁ ଯିବାଆସିବା କରିବା କାଠିକର ପାଠ ହୋଇଛି। ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ବି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ଚନ୍ଦନିମାଲ ପିଇଓ ଦୀପକ ପଟେଲଙ୍କୁ ପଚାରିବାରେ ରାସ୍ତା ମରାମତି ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି।

### ଡିପିଏସ୍‌ରେ ଶପଥ ଗ୍ରହଣ ସମାରୋହ

**ସମ୍ବଲପୁର, ୨୩।୭(ବି.ଶଙ୍କର):** ସମ୍ବଲପୁର ଜିଲା ଶାସନସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ସଭାକକ୍ଷରେ ଛାତ୍ରୀଛାତ୍ରଙ୍କ ଶପଥ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ସୁଜାତା ଲେଙ୍କାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ସୈନିକ ମହମ୍ମଦ ଏ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶକ୍ତି ଓ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ସ୍କୁଲର ଜନସମ୍ପର୍କ ଅଧିକାରୀ ଶାଲୁ ଚନ୍ଦେଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଚେୟାରମ୍ୟାନ ଅକ୍ଷତ ଗୋୟଲ ଆଭାସୀ ମାଧମରେ ଯୋଗଦେଇ ନବନିର୍ବାଚିତ ହାଉର ମୁଖ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହିକ୍ରମରେ ହେଡ୍ ବଏ ସମ୍ପିତ କୁମାର ରାଉତ ଓ ହେଡ୍ ଗର୍ଲ ଶ୍ରଦ୍ଧା ନାୟକଙ୍କ ସମେତ ବିଭିନ୍ନ କ୍ରୀଡ଼ା, ସାଂସ୍କୃତିକ ଓ ହାଉସର ମୁଖ୍ୟ ବାଳିକାବାଳକ ଶପଥ ଗ୍ରହଣ କରିଥିଲେ।

### ଖଲିଆମୁଣ୍ଡା ଜଙ୍ଗଲରେ ବିରଳ ଛତୁ

**କୁଚିଣ୍ଡା, ୨୩।୭(ବିରଞ୍ଚି ଦର୍ଲା):** କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ଖଲିଆମୁଣ୍ଡା ଜଙ୍ଗଲରେ ଏକ ବିରଳ ପ୍ରଜାତିର ଛତୁ ଦେଖିବାକୁ ମିଳିଛି। ଛତୁର ଓଜନ ୮ରୁ ୧୦ କେଜି ହେବ ବୋଲି କୁହାଯାଉଛି। ପୂର୍ବରୁ ଏଭଳି ଛତୁ ଦେଖିବାକୁ ମିଳି ନ ଥିଲା। ସୂଚନା ଅନୁସାରେ ଖଲିଆମୁଣ୍ଡା ଗାଁର ଲୁରି କିଷାନ ଜଙ୍ଗଲକୁ ଜଙ୍ଗଲି ଛତୁ ଅନ୍ୱେଷଣରେ ଯାଇଥିବା ସମୟରେ ଧଳା ରଙ୍ଗର ଏଭଳି ଛତୁ ଦେଖିବାକୁ ପାଇଥିଲେ। ସେ ଏହି ଛତୁକୁ ଦେଖି ପ୍ରଥମେ ଚକିତ ହୋଇଯାଇଥିଲା। ପରେ ସେ ଏହାକୁ ସଂଗ୍ରହ କରି ଗାଁ ଲୋକଙ୍କୁ ଦେଖାଇଥିଲେ। ଏହାକୁ ଦେଖିବା ପାଇଁ ଗାଁ ଲୋକଙ୍କ ମଧରେ ବେଶ କିଛି ସମୟ ପାଇଁ ଭିଡ ଜମିଥିଲା। ତେବେ ଲୋକେ ଏଭଳି ଛତୁ କେବେ ଦେଖି ନ ଥିବା ଓ ଏହାର ନାଁ ମଧ ଜାଣି ନ ଥିବା କହନ୍ତି।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**କୁଚିଣ୍ଡା, ୨୩।୭(ବିରଞ୍ଚି ଦର୍ଲା)**

**ବାରମ୍ବାର ଅଭିଯୋଗ ପରେ ମିଳୁନି ସୁଫଳ**

କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଗ୍ରାମବାସୀ ଏ ନେଇ ବିଡ଼ିଓଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ ସୁଫଳ ପାଇନାହାନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସନ୍ତୋଷ ପଟେଲ ଅଭିଯୋଗ କରିଛନ୍ତି ଯେ, ୨୦୧୯ରେ ଗ୍ରାମର ବିନୟ ପଟେଲଙ୍କ ଘରଠାରୁ ନଳକୂପ ପର୍ଯ୍ୟନ୍ତ ୨ ଲକ୍ଷ ୫୦ ହଜାର ଟଙ୍କାରେ ଏକ ରାସ୍ତା ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ଏହା ଖରାପ ହୋଇ ପାଣି ଜମି ରହୁଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୨୦୧୯-୨୦ରେ ପ୍ରାୟ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲା। କିନ୍ତୁ ଏହା ଅସମ୍ପୂର୍ଣ୍ଣ ଥିବାରୁ ଗ୍ରାମବାସୀଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ। ୨୦୨୦ରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ଅଳ୍ପଦିନ ପରେ ଏହାର ପାଣି ମୋଟରଟି ଖରାପ ହୋଇଯିବାରୁ ତାହା ଅଚଳ ହୋଇପଡ଼ିଲା। ଅଭିଯୋଗ ପରେ ଏହାର ମରାମତି କରି ଚଳାଇବା ବଦଳରେ ଲାଗିଥିବା ପ୍ଲାଷ୍ଟିକ ପାଣି ଟାଙ୍କିକୁ କାଢି ନିଆଯାଇଥିଲା। ତେଣୁ ଗ୍ରୀଷ୍ମ ଋତୁରେ ଲୋକେ ଥଣ୍ଡା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲା ଓ ବ୍ଲକ ପ୍ରଶାସନକୁ ଦରଖାସ୍ତ ଦେଇ ନିରାଶ ହୋଇଥିଲେ। ପରେ ତା୨୧।୧।୨୦୨୧ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ପ୍ରେରଣ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପୁନଶ୍ଚ ତା୨୩।୫।୨୦୨୨ରେ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ତା୨୫।୭।୨୦୨୨ ଦିନ କୁଚିଣ୍ଡାର ତତ୍କାଳୀନ ସହକାରୀ ଜିଲାପାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୁରୁଣାପାଣି ଗ୍ରାମକୁ ଯାଇ ତଦନ୍ତ ପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ହୋଇପାରି ନ ଥିବା ପଟେଲ କହିଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ସହକାରୀ ଜିଲାପାଳ ତାଙ୍କର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେଇସାରିଛନ୍ତି। ତେଣୁ ପରବର୍ତ୍ତୀ ପଦକ୍ଷେପ ପାଇଁ କୌଣସି ନିର୍ଦ୍ଦେଶନାମା ଆସି ନ ଥିବା ସେ କହିଛନ୍ତି।

## ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ଜନ୍ମବାର୍ଷିକୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ସମ୍ବଲପୁର, ୨୩।୭(ବି.ଶଙ୍କର)**

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜନ୍ମବାର୍ଷିକୀ ରବିବାର ନୃସିଂହ ଗୁରୁ ଟାଉନ ହାଇସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଟାଉନ ହାଇସ୍କୁଲ ପୁରାତନ ଛାତ୍ରସଂସଦ ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ଶଙ୍କର ପ୍ରସାଦ ପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚନ୍ଦ୍ରଶେଖର ବେହେରାଙ୍କ ସମାଜ ସଂସ୍କାରମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସମିତିର ଆବାହକ ରାମାର୍ଜୁନ ପଣ୍ଡା ଚନ୍ଦ୍ରଶେଖରଙ୍କ ଜୀବନୀ ଓ ସମାଜିକ ଅବଦାନ ଉପରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସଭାରେ ସାଂସ୍କୃତିକ ସମାଜର ଉପସଭାପତି ଶିବନାରାୟଣ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ହୋତା, ପ୍ରଶାନ୍ତ ପାଢଯୋଶୀ, ଦୀନବନ୍ଧୁ ପଣ୍ଡା, ଗୋରେଖଲାଲ ଦାସ, କୈଳାସ ମିସ୍ତ୍ରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭୂଜାତା ନନ୍ଦ ପ୍ରାରମ୍ଭିକ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ମୀନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୋଲ୍ ଇଣ୍ଡିଆ ଚେୟାରମ୍ୟାନଙ୍କ କୋଇଲା ଖଣି ପରିଦର୍ଶନ

**ସମ୍ବଲପୁର, ୨୩।୭(ବି.ଶଙ୍କର)**

କୋଲ ଇଣ୍ଡିଆ ଲିମିଟେଡ ଚେୟାରମ୍ୟାନ ପିଏମ୍ ପ୍ରସାଦ ରବିବାର ଇବ୍ ଭ୍ୟାଲି କୋଇଲା ଖଣି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଥିସହ ସେ କୋଇଲା ଖଣି ଖନନ କାର୍ଯ୍ୟ ଯାଞ୍ଚ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)କୁ ଏହା ତାଙ୍କର ପ୍ରଥମ ଗସ୍ତ। ବୈଷୟିକ ଓ ଅପରେଶନ ନିର୍ଦ୍ଦେଶକ ଜେ.କେ. ବୋହରା, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ପ୍ରକଳ୍ପ ନିର୍ଦ୍ଦେଶକ ଏଏସ୍ ବାପଟ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ଏଥିସହ ଚେୟାରମ୍ୟାନ ପ୍ରସାଦ ଏମ୍‌ସିଏଲ୍‌ର କର୍ପୋରେଟ ଯୁଗ୍ମ ପରାମର୍ଶଦାତା କମିଟି ବୈଠକରେ



ଇବ୍ ଭ୍ୟାଲି କୋଇଲା ଖଣି ପରିଦର୍ଶନ କରୁଛନ୍ତି ଚେୟାରମ୍ୟାନ।

ଅଧକ୍ଷତା କରିଥିଲେ। ଏତଦ୍‌ବ୍ୟତୀତ ସେ ବେଲପାହାଡ ଓପନକାଷ୍ଟ ପ୍ରକଳ୍ପ ଓ ଲଖନପୁର ଓପନକାଷ୍ଟ ପ୍ରକଳ୍ପ ପରିଦର୍ଶନ କରି ଖଣିକାର୍ଯ୍ୟ ଯାଞ୍ଚ କରିଥିଲେ।

## ରାସ୍ତା ଉପରେ ବୁଲା ଗୋରୁଙ୍କ ଦୌରାତ୍ମ୍ୟ

**ନାକଟିଦେଉଳ, ୨୩।୭ (ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ରାଜପଥ ଉପରେ ବୁଲା ଗୋରୁଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ନାକଟିଦେଉଳ ବସ୍‌ଷ୍ଟାଣ୍ଡରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ରେଢ଼ାଖୋଲ-ଦେବଗଡ଼ ରାଜ୍ୟ ରାଜପଥରେ ରହିଛି ନାକଟିଦେଉଳ ବ୍ଲକ। ବ୍ଲକ ସଦର ମହକୁମା ଯୋଗୁ ବସ୍‌ଷ୍ଟାଣ୍ଡ ଚଳଚଞ୍ଚଳ ରହିଥାଏ। ବୁଲା ଗୋରୁଙ୍କ ଅବାଧ ଚଳପ୍ରଚଳ ଯୋଗୁ ବିଭିନ୍ନ ସମୟରେ ଯାନବାହାନ ଧରି ଯାଉଥିବା ଲୋକମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ଏପରି କି ଦ୍ରୁତ ଗତିରେ ଆସୁଥିବା ବାଇକ୍ ଆରୋହୀ ସନ୍ଧ୍ୟା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ନିୟନ୍ତ୍ରଣ ନ କଲେ ରାସ୍ତା ଜାମ ସହିତ ଟ୍ରାଫିକ ସମସ୍ୟା ଜଟିଳ ହେବା ଆଶଙ୍କା ଦେଖାଦେଇଛି।

## ରେଙ୍ଗାଲି ମଣ୍ଡଳସ୍ତରୀୟ ଗରିବ କଲ୍ୟାଣ ସମାବେଶ

**ସମ୍ବଲପୁର, ୨୩।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଭାଜପା ପକ୍ଷରୁ ରେଙ୍ଗାଲି ବିଧାନସଭା ମଣ୍ଡଳୀସ୍ତରୀୟ ଗରିବ କଲ୍ୟାଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ୯ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ଦଳୀୟ ସଂଗଠନକୁ ବୁଥ୍ ସ୍ତରରୁ ମଜଭୁତ କରିବା ପାଇଁ ସମାବେଶରେ ମତପ୍ରକାଶ ପାଇଥିଲା। ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାୟକ ମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ଜିଲାପରିଷଦ ସଭାପତି ରାଧେଶ୍ୟାମ ବାରିକ, ଆଶିଷ ହୋତା, ସୁଶିଲ କର, ସୁଧୀର ଗୁପ୍ତା, ସୁଷମା ସାହୁ, ନରେନ୍ଦ୍ର ମିଶ୍ର, ଦେବେନ୍ଦ୍ର ନାୟକ, ବିଶିକେଶନ ପଣ୍ଡା, ଅର୍ଜୁନ ନାୟକ, ଅଶୋକ ନାୟକ, ଉତ୍ତମ ବିଶ୍ୱାଳ, ସରୋଜ ମେହେର, ପ୍ରଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଘିଚାମୁରା ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଦଳରେ ଯୋଗ ଦେଇଥିଲେ।

## ମଣିପୁର ଭଳି ଘଟଣା ଭାଜପା ପାଇଁ ଅଭ୍ୟାସଗତ: କଂଗ୍ରେସ



କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

**ସମ୍ବଲପୁର, ୨୩।୭(ଶୁଭାଶିଷ ପାଢ଼ୀ)**

ଭାଜପା ଶାସିତ ମଣିପୁର ରାଜ୍ୟରେ ଯାହା ଘଟିଲା ଓ ଘଟିଚାଲିଛି ତାହା ସମଗ୍ର ବିଶ୍ୱରେ ଦେଶକୁ ଲଜ୍ଜିତ କରିଛି। ମଣିପୁର ଭଳି ଘଟଣା ଭାଜପା ପାଇଁ ଅଭ୍ୟାସଗତ। ଗୁଜରାଟରେ ଏଭଳି ଅନେକ ଘଟଣାର ଇତିହାସ ରହିଛି। ମହିଳାଙ୍କୁ ସୁରକ୍ଷା ଦେବା ନେଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଅନେକ କଥା କହୁଛନ୍ତି। ହେଲେ ମଣିପୁରରେ ମହିଳାମାନଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯାଉଛି। ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପ୍ରତିଦିନ ନୂଆ ଘଟଣା ସାମ୍ନାକୁ ଆସୁଛି। କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ରହିଛି। ହେଲେ ମଣିପୁର ମାମଲା ସମାଧାନରେ ଫେଲ ମାରିଛି ବୋଲି ଜିଲା କଂଗ୍ରେସ ଅଭିଯୋଗ କରିଛି। ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲି ଖାନଙ୍କ ନେତୃତ୍ୱରେ ରବିବାର ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ପରେ ଗୋଲବଜାର ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ସାହା ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଦଳୀୟ ନେତାମାନେ କେନ୍ଦ୍ର ଓ ବିଜେଡି ସରକାର ଉପରେ ବର୍ଷିଥିଲେ। ଅଭିଯୋଗ କରିଥିଲେ, ମଣିପୁରରେ ମହିଳାଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚାର କରାଯିବା ଘଟଣା ଲୋକଲୋଚନକୁ ଆସିଛି। ଆଗାମୀ ଦିନରେ ଲଜ୍ଜିତ ହୋଇଥିବା ଦେଶର ୧୩୦ କୋଟି ଜନସାଧାରଣ ଏହାର ଜବାବ ଦେବେ। ଆଗାମୀ ଦିନରେ ଭାଜପାକୁ ଗାଦିଚ୍ୟୁତ କରିବା ପାଇଁ ଯାହା ଦରକାର ଦଳ କରିବ ବୋଲି ଜିଲା କଂଗ୍ରେସ ସଭାପତି ଖାନ କହିଥିଲେ। ସମାବେଶରେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଯୁବ, ମହିଳା କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ହାତୀ ଉଜାଡ଼ିଲା ଧାନ ଫସଲ

**କୁଚିଣ୍ଡା, ୨୩।୭(ବିରଞ୍ଚି ଦର୍ଲା)**

ବାମରା ବନ୍ୟପ୍ରାଣୀ ଡିଭିଜନ କୁଚିଣ୍ଡା ରେଞ୍ଜ ଅନ୍ତର୍ଗତ ବକ୍ସମା ପଞ୍ଚାୟତ ଭେଲୁଆଁପାଲ ଗ୍ରାମରେ ଶନିବାର ରାତିରେ ବାଣୁଆ ହାତୀଙ୍କ ଉପଦ୍ରବ ଦେଖାଦେଇଛି। ଗ୍ରାମର ପୂର୍ଣ୍ଣଚନ୍ଦ୍ର ଛତ୍ରିଆ, ଦୁବରାଜ ଛତ୍ରିଆ, ଫୁଲମତି ଛତ୍ରିଆ, ସନ୍ତୋଷିନୀ ଛତ୍ରିଆ, ଭାଗିରଥି ଛତ୍ରିଆ, ବାସନ୍ତି ଛତ୍ରିଆ ଓ ଦଳକିମାଲ ଗ୍ରାମର ଦୟାନିଧି ଠାକୁର, ମୁକୁନ୍ଦ ଠାକୁରଙ୍କ ତଳି ଏବଂ ଧାନ ଫସଲକୁ ହାତୀ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଏହାଦ୍ୱାରା ଚାଷୀମାନେ କ୍ଷତିର ସମ୍ମୁଖୀନ ହୋଇଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଗରିବ ଶ୍ରେଣୀର ହୋଇଥିବାରୁ ଧାରକରଜ କରି ବିହନ ଆଣି ଚାଷ କରିଥିଲେ। ଏବେ ତାହା ନଷ୍ଟ ହୋଇଯାଇଥିବାରୁ କିଭଳି ସେମାନେ



ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲ।

ଚାଷ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ପ୍ରଶାସନ ଓ ବନବିଭାଗ କ୍ଷୟକ୍ଷତିର ଆକଳନ କରି ସହାୟତା ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଲମଡୁଙ୍ଗୁରି ପାହାଡ଼ରେ ବୃକ୍ଷରୋପଣ

**ସମ୍ବଲପୁର, ୨୩।୭(ବି.ଶଙ୍କର)**

ମା' ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପରଧିଆପାଲି ଲମଡୁଙ୍ଗୁରି ପାହାଡ଼ରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମ୍ବ, ଅଁଳା, ଶିଶୁ, ଶାଗୁଆନ, ଜାମୁ ପ୍ରଭୃତି ପ୍ରଜାତିର ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ନିଶିକାନ୍ତ ବିଶ୍ୱାଳ, ଆଲୋକ ମହାକୁର, ଆଶିଷ ସାହୁ, ପ୍ରଦ୍ୟୁତ ପଟ୍ଟନାୟକ, ଆଶିଷ ମନ୍ତ୍ରୀ, ରଜନୀ ସାହୁ, ମିନାକ୍ଷୀ ଲେଙ୍କା, ପ୍ରେମଶିଳା ନାୟକ, ଶଙ୍କରି ମଣ୍ଡଳ, ପୁଷ୍ପା ପାଳ, କନିକା ବରାଇ, ପୂର୍ଣ୍ଣିମା ମଣ୍ଡଳ, ମାନସ ଲେଙ୍କା, ବିଷ୍ଣୁପଦ ବରାଇ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଟ୍ରଷ୍ଟ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚିତ କରିଛନ୍ତି।

## ସମ୍ବଲପୁରୀ ଦିନ ପାଳନ ପାଇଁ ପ୍ରସ୍ତୁତି

**କୁଚିଣ୍ଡା, ୨୩।୭(ବିରଞ୍ଚି ଦର୍ଲା)**

ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ପାଳନ କରିବା ପାଇଁ ରବିବାର କୁଚିଣ୍ଡାସ୍ଥିତ ଷ୍ଟୁଡ଼ିଓ ଆଶୀର୍ବାଦ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ସୁରଥ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆବାହକ ବାବୁନି ମହାନ୍ତି ସମ୍ବଲପୁରୀ ଦିନର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। କୁଚିଣ୍ଡା କଲେଜ ସାଂସ୍କୃତିକ ପରିଷଦ, ଷ୍ଟୁଡ଼ିଓ ଆଶୀର୍ବାଦ (କୁଚିଣ୍ଡିଆନ ଡ୍ୟାନ୍ସ ଏକାଡେମୀ) ଓ ରଙ୍ଗବତୀ ସାଂସ୍କୃତିକ ପରିଷଦ (ବାମଣ୍ଡା)ର ମିଳିତ ଆନୁକୂଲ୍ୟରେ କୁଚିଣ୍ଡା କଲେଜ ହଲ ନଂ.୩ରେ ଏହି ଉତ୍ସବ ସନ୍ଧ୍ୟା ସାଢେ ୫ଟାରେ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ କୁଚିଣ୍ଡା କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା, କଲେଜ ସାଂସ୍କୃତିକ ପରିଷଦ ଉପସଭାପତି ପ୍ରାଧାପକ ଅମିୟ ପାତ୍ର, ଅଧାପକ ସୁଧାଂଶୁ ମହାପାତ୍ର, ଶ୍ରୀକାନ୍ତ ପଣ୍ଡା, ସଙ୍ଗିତକାର ପଙ୍କଜ ରାଜ, ଚକ୍ର ମାଝି, ସାଂସ୍କୃତିକ ସଂଗଠକ ମଳୟ ବେହେରା, ଶିକ୍ଷୟିତ୍ରୀ ରେଣୁକା ଶର୍ମା ଓ ରଜନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ବିଜେଡି ବୈଠକରେ ଯୋଗଦେଲେ ଭାଜପା କର୍ମୀ

**ସମ୍ବଲପୁର, ୨୩।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାରେ ପୂର୍ବରୁ ଜିଲା ବିଜେଡି ପର୍ଯ୍ୟବେକ୍ଷକ ରହିଥିବା ତଥା ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ ରବିବାର ଧନୁପାଲିସ୍ଥିତ ତାଙ୍କ ବାସଭବନରେ ଏକ ବୈଠକ କରିଥିଲେ। ଏଥିରେ ଜିଲାର କେତେଜଣ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ବାହାର ତଥା ସମ୍ବଲପୁର ଲୋକ ସଭା କ୍ଷେତ୍ର ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ବାମୋର ପଞ୍ଚାୟତର ପ୍ରାୟ ୧୫୦ଜଣ ଭଜପା କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ବୈଠକରେ ଦଳୀୟ ସଂଗଠନ, ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ କେନ୍ଦ୍ର ସରକାରଙ୍କ ଅବହେଳା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସବୁ କ୍ଷେତ୍ରରେ ବିକାଶିତ ହେଉଛି। ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି।



ବୈଠକରେ ଦଳୀୟ ନେତା ଓ କର୍ମୀମାନେ।

ପ୍ରତ୍ୟେକ ପରିବାର ପାଖରେ ସରକାରୀ ଯୋଜନା ପହଞ୍ଚାଇବା, ଯୋଗ୍ୟ ହିତାଧିକାରୀ ଯେଭଳି ବାଦ୍ ନ ପଡିବେ ସେ ନେଇ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ସମସ୍ୟା ଦୂର କରିବାକୁ ଯୋଗଦାନ କରିଥିବା କର୍ମୀମାନଙ୍କୁ ପ୍ରଧାନ ପରାମର୍ଶ ଦେଇଥିଲେ। ଏହି ବୈଠକକୁ ନେଇ ଏବେ ଜିଲାରେ ଆଲୋଚନା ଜୋର ଧରିଛି। ଗତ ଜିଲାପରିଷଦ ନିର୍ବାଚନ ପରେ ପ୍ରଧାନଙ୍କୁ ଦଳୀୟ ବୈଠକରେ ଦେଖା ମିଳୁ ନ ଥିଲା। ବାହାରେ ରହି ସଂଗଠନ ପାଇଁ କାମ କରୁଥିଲେ। ଏବେ ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପଣବ ପ୍ରକାଶ ଦାସ ଦାୟିତ୍ୱ ନେଇଛନ୍ତି। ଇତିମଧରେ ସେ ଦୁଇଥର ଜିଲା ଗସ୍ତ କରି ଦଳୀୟ ନେତା ଓ କର୍ମୀମାନଙ୍କ ସହ ବୈଠକ କରିଛନ୍ତି। ଏଭଳି ପରିସ୍ଥିତିରେ ପ୍ରଧାନ ବୈଠକ କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୧୯ ସାଧାରଣ ନିର୍ବାଚନରେ

**ନଳିନୀ ପ୍ରଧାନଙ୍କୁ ନେଇ ପୁଣି ଆଲୋଚନା**

ପ୍ରଧାନ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ହୋଇ ଅଳ୍ପ ବ୍ୟବଧାନରେ ଭାଜପାଠାରୁ ପରାଜିତ ହୋଇଥିଲେ। ଏବେ ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା କିମ୍ବା ସମ୍ବଲପୁର ଲୋକ ସଭା ପାଇଁ ଦଳ ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ପୂର୍ବତନ ପର୍ଯ୍ୟବେକ୍ଷକ ପ୍ରଧାନ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଠମଲ୍ଲିକ ବାମୋର ପଞ୍ଚାୟତର ଶତାଧିକ ଭାଜପା କର୍ମୀ ଦଳରେ ଯୋଗଦାନ କରିଛନ୍ତି। ସେମାନଙ୍କୁ ସ୍ୱାଗତ କରାଯାଇଛି। ଦଳରେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ। ଏହା କେବଳ ସଂଗଠନ ପାଇଁ କାମ ବୋଲି ସେ କହିଛନ୍ତି।

